ବର୍ଷ-୨୪, ସଂଖ୍ୟା-୩୨୬
ଭୁବନେଶ୍ୱର
୩୧ ଡିସେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 326
Bhubaneswar
31 December, 2024 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଭୁବନେଶ୍ୱରରୁ ୫ ସହରକୁ ସିଧାସଳଖ ବିମାନ ଉଡ଼ିବ

**ଭୁବନେଶ୍ୱର,୩୦।୧୨(ମହାଭାରତ):** ନୂଆବର୍ଷରୁ ଓଡ଼ିଶାର ଦୁଇ ପ୍ରମୁଖ ବିମାନ ବନ୍ଦର ଭୁବନେଶ୍ୱର ଓ ଝାରସୁଗୁଡ଼ାରୁ ମିଳିବ ଅଧିକ ସହରକୁ ସିଧାସଳଖ ବିମାନସେବା। ଜାନୁୟାରୀ ୧ରୁ ଝାରସୁଗୁଡ଼ା ବିମାନ ବନ୍ଦରରୁ ଅଧିକ ୪ଟି ସହରକୁ ଆଉ ଜାନୁୟାରୀ ୩ରୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୫ଟି ସହରକୁ ସିଧାସଳଖ ବିମାନ ସେବା ମିଳିବ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ସୂଚନା ଦେଇଛନ୍ତି। ପୂର୍ବରୁ ପ୍ରାୟ ଦେଢ଼ମାସ ତଳେ ଏହି ସିଧାସଳଖ ବିମାନ ସେବା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜ ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଥିଲେ ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ସିଏମଓ ଓଡ଼ିଶାର ଏକ୍ସ ହ୍ୟାଣ୍ଡଲରେ ଏହି ସୂଚନା ଦେଇ କହିଛନ୍ତି ଯେ, ବିକାଶର ନୂଆ ଉଡ଼ାଣ ଭରୁଛି ଓଡ଼ିଶା। ଆରମ୍ଭ ହେବ ସିଧାସଳଖ ବିମାନ ସେବା। ଏହା ରାଜ୍ୟର ଅର୍ଥନୀତିକ ବିକାଶ କ୍ଷେତ୍ରରେ ମାଇଲଖୁଂଟ ସାବ୍ୟସ୍ତ ହେବ। ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାରେ ନୂଆ ଅଧ୍ୟାୟ ଯୋଡ଼ିହେବାକୁ ଯାଉଛି। ଜାନୁୟାରୀ ୧ରୁ ଝାରସୁଗୁଡ଼ାର ବୀରସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଓ ମୁମ୍ବାଇକୁ ସିଧାସଳଖ ବିମାନ ସେବା ମିଳିବ। ସେହିପରି ଜାନୁୟାରୀ ୩ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଇନ୍ଦୋର, ଡେରାଡୁନ୍, କୋଚି, ଜୟପୁର ଓ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଏହି ସବୁ ନୂଆ ସହରକୁ ସିଧାସଳଖ ବିମାନ ସେବା ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା।




# ସ୍ପେଡେକ୍ସର ସଫଳ ଉତକ୍ଷେପଣ

**ଶ୍ରୀହରିକୋଟା,୩୦।୧୨:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ (ସ୍ପେଡେକ୍ସ)କୁ ଆଜି ପିଏସ୍ଏଲଭି ରକେଟ୍ ଜରିଆରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତକ୍ଷେପଣ କରାଯାଇଛି। ମହାକାଶ ଗବେଷଣା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଇସ୍ରୋ। ଏହି ଡକିଂ ଓ ଅନ ଡକିଂ ମିଶନ ସଫଳତାର ସହ କରାଯାଇଥିବାରୁ ଚନ୍ଦ୍ରଯାନ ୪ ଓ ଗଗନଯାନ ଉତକ୍ଷେପଣ ପାଇଁ ବାଟ ଫିଟିଛି।

ଇସ୍ରୋ ଏହି ଅଭିଯାନ ପାଇଁ ଦୁଇଟି ଉପଗ୍ରହ ବ୍ୟବହାର କରିଛି, ଯାହାର ନାମ ଚେଜର (ଏସଡିଏକ୍ସ୦୧) ଏବଂ ଟାର୍ଗେଟ (ଏସଡିଏକ୍ସ୦୨) ରହିଛି ସେମାନଙ୍କ ଓଜନ ୨୨୦ କିଲୋଗ୍ରାମ ହେବ। ସଫଳ ପୋଲାର ସାଟେଲାଇଟ୍ ଲଞ୍ଚ ଭେଇକିଲ୍ (ପିଏସଏଲଭି) ୬୦ ଜରିଆରେ ଏହି ଉତକ୍ଷେପଣ କରାଯିବ। ସବୁ ଡକିଂ ଓ ଅନ ଡକିଂ ପ୍ରକ୍ରିୟା ଶେଷ ହେବା ପ୍ରାୟ ୨ ମାସ ସମୟ ଲାଗିବ ବୋଲି କୁହାଯାଉଛି। ଭାରତ ପାଇଁ ଏହା କୌଣସି ଐତିହାସିକ ଅବସରଠାରୁ କମ୍ ନୁହେଁ। ଯଦି ଏହି ମିଶନ ସଫଳ ହୁଏ ତେବେ ରୁଷିଆ, ଆମେରିକା ଓ ଚୀନ ପରେ ମହାକାଶ ଡକିଂ ହାସଲ କରିବାରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହୋଇଯିବ।

ଭୂପୃଷ୍ଠରୁ ୪୭୦ କିଲୋମିଟର ଉଚ୍ଚତାରେ ଏକ ବୃତ୍ତାକାର କକ୍ଷପଥରେ ଦୁଇଟି ଯାକ ସ୍ପେଶକ୍ରାଫ୍ଟ ବୁଲୁଥିବା ବେଳେ ଏହାକୁ ଡକିଂ ଓ ଅନଡକିଂ କରାଯିବ ଏଥିସହ ଅନଡକିଂ ପୂର୍ବରୁ ଦୁଇଟି ସ୍ପେଶକ୍ରାଫ୍ଟ ମଧ୍ୟରେ ବିଦ୍ୟୁତ ଶକ୍ତି ଆଦାନପ୍ରଦାନ ହେବ। ମିଶନ ସଫଳ ହେଲେ ଆମେରିକା, ରୁଷ ଓ ଚୀନ ପରେ ଅନ୍ତରୀକ୍ଷ ଡକିଂ କରିବାରେ ଭାରତ ଚତୁର୍ଥ ଦେଶ ପାଲଟି ଯିବ। ସେହିପରି ଚନ୍ଦ୍ରଯାନ-୪ ଓ ଭାରତୀୟ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନ ସ୍ଥାପନରେ ଏହା ଖୁବ୍ ସହାୟକ ହେବ ।ଉତକ୍ଷେପଣକୁ ଜାଣିଶୁଣି ମିନିଟ ବିଳମ୍ବରେ କରାଯାଇଛି। କାରଣ ପୃଥିବୀ ଉପରେ ଥିବା ସମାନ ଅର୍ବିଟରେ ବୁଲୁଥିବା ସାଟେଲାଇଟରେ ଏହା ପିଟି ହେବାର ଆଶଙ୍କା ଥିବାରୁ ବିଳମ୍ବରେ ଏହାକୁ ଉତକ୍ଷେପଣ କରାଯାଇଛି ।ଏହାର ସଫଳତାର ସହ ଅର୍ବିଟରେ ସ୍ଥାପିତ ହୋଇଥିବା ମଧ୍ୟ ଇସ୍ରୋ ପକ୍ଷରୁ କୁହାଯାଇଛି।

# ଫେବୃଆରୀରୁ ଲାଗୁ ହେବ ଆୟୁଷ୍ମାନ

ଭୁବନେଶ୍ୱର,୩୦।୧୨(ମହାଭାରତ):): ନୂଆ ବର୍ଷରେ ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ୨୦୨୫ ମସିହା ଫେବୃଆରୀ ମାସରେ ନୂଆ ଯୋଜନାର ଲାଭ ଉଠେଇବେ ହିତାଧିକାରି। ନୂଆ ବର୍ଷ ଅର୍ଥାତ ୨୦୨୫ ମସିହା ଆରମ୍ଭରେ ସ୍ୱାସ୍ଥ୍ୟ ବିଭାଗରେ ବୈପ୍ଲବିକ ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର। ରାଜ୍ୟରେ ୨୦୨୫ ମସିହା ଫେବୃଆରୀ ମାସରେ ପାଖାପାଖି ୧ କୋଟି ପାରିବାରକୁ ମିଳିବ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଯେଉଁଥିରେ ରାଜ୍ୟର ଜନସଂଖ୍ୟା ସାଢ଼େ ୪ କୋଟି ଲୋକଙ୍କ ମଧ୍ୟରୁ ସାଢ଼େ ୩ କୋଟିରୁ ଅଧିକ ଲୋକଙ୍କୁ ମିଳିବ ଏହି ସ୍ୱାସ୍ଥ୍ୟ କାର୍ଡ। ନୂଆ ବର୍ଷରେ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ବଡ ବିକଳ୍ପ ବ୍ୟବସ୍ଥା ଆଣିବା ପାଇଁ ଯୋଜନା ରଖିଛନ୍ତି ସରକାର। ତେଣୁ ଫେବ୍ରୁଆରୀରୁ ଏହି ଫ୍ଲାଗସିପ୍ ଯୋଜନା ଲାଗୁ କରିବାକୁ ମୋହନ ଚରଣ ମାଝୀ ସରକାର ପ୍ରସ୍ତୁତ ହେଉଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ କୁମାର ମହଲିଂଗ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି,କେନ୍ଦ୍ରୀୟ ଟିମ ସର୍ଭେ କରି ଯାଇଛନ୍ତି। ଖୁବ୍ ଶୀଘ୍ର ନୂଆ ବର୍ଷରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା ସହ କେହି ଏଥିରୁ ବାଦ୍ ପଡ଼ିବେନି। ନୂଆବର୍ଷରୁ ଏହି ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ବିପ୍ଲବ ଆଣିବ। ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଶାଯିବ। ସେଥିପାଇଁ ନିୟମାବଳି ଏକ ପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟରେ ଏକ କୋଟି ପରିବାରର ସାଢେ ୩ କୋଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ କାର୍ଡ। ଆୟୁଷ୍ମାନ ଭାରତରୁ ଯେମିତି କେହି ବଞ୍ଚିତ ହେବେ ନାହିଁ ତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ମନ୍ତ୍ରୀ।

ସରକାରକୁ ଆସିବାର ୧୦୦ ଦିନରେ ଆୟୁଷ୍ମାନ ଭାରତକୁ ଲାଗୁ କରିବା ନେଇ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏହା ସହ

ଅକ୍ଟୋବର ୨୯ରେ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ୨.୦କୁ ମଧ୍ୟ ଦେଶବ୍ୟାପୀ ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ। ରାଜ୍ୟ ସରକାର ଯଦିଓ ଏହି ଯୋଜନାକୁ ଗ୍ରହଣ କରିଛନ୍ତି କିନ୍ତୁ ତାହା ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ। ୧୮ଟି ରାଜ୍ୟ ନିଜ ଯୋଜନା ସହ ଆୟୁଷ୍ମାନ ଭାରତକୁ ମିଶ୍ରଣ କରି କାର୍ଯ୍ୟକ୍ଷମ କରୁଛନ୍ତି। ସେହିଭଳି ୪ଟି ରାଜ୍ୟ କେନ୍ଦ୍ରୀୟ ଯୋଜନା ସହ ସମ୍ମିଶ୍ରଣ କରି ସାରିଲେଣି। କେବଳ ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗକୁ ଛାଡିଦେଲେ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହା ଲାଗୁ ହୋଇସାରିଲାଣି। ତେଣୁ ଫେବ୍ରୁଆରୀରୁ ଆରମ୍ଭ ହେଲେ ଏହି ଯୋଜନାରେ ଚିକିତ୍ସିତ ହୋଇ ଆରୋଗ୍ୟ ହେବେ ବୋଲି ଅନେକ ଆଶାବାଦୀ।



ବଡ଼ କଥା ହେଲା ଆୟୁଷ୍ମାନ ଭାରତ ଯୋଜନାରେ ଜଣେ ହିତାଧିକାରୀ ସାରା ଦେଶରେ ୨୯ ହଜାର ୬୪୮ ମେଡିକାଲରୁ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାତ୍ର ୯୫୭ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା। ଆୟୁଷ୍ମାନ ଭାରତରେ ୧୯ଶହ ୪୯ ପ୍ରକାର ମେଡିକାଲ ସେବା ସହ ମେଡିକାଲରୁ ଡିସାର୍ଜ ହେବା ପରର ୧୫ ଦିନ ପର୍ଯ୍ୟନ୍ତ ମଧ୍ୟ ମେଡିସିନ ସୁବିଧା ରହିଛି ।ତେବେ ଓଡିଶାରେ ଯଦି ଯୋଜନାର ମିଶ୍ରଣ ହୁଏ, ତାହାହେଲେ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ଓ ଆୟୁଷ୍ମାନ ଭାରତରେ ୩୩ ଲକ୍ଷ ପରିବାର ରହିବେ।

# ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି ସରକାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୧୨(ମହାଭାରତ): ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ସପ୍ତମ ପାଳି, ଚଳିତ ବର୍ଷର ଶେଷ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକ କ୍ରିୟାଶୀଳ ହୋଇଛି । ମୁଖ୍ୟମନ୍ତ୍ରୀ, ଅଭିଯୋଗ ପ୍ରକୋଷ୍ଠରେ ଅଥବା ଯେଉଁଠାକୁ ଯାଆନ୍ତି ସେଠାରେ ସାଧାରଣଲୋକଙ୍କୁ ଭେଟିବା, ସେମାନଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି ।

ଆଜି ସପ୍ତମ ପାଳିର ଆରମ୍ଭରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ପରେ ବାହାରେ ଚେୟାରରେ ବସିଥିବା ପ୍ରାୟ ୪୦ ଜଣ ଭିନ୍ନକ୍ଷମ ମାନଙ୍କୁ ପ୍ରଥମେ ଭେଟିଥିଲେ । ସେମାନଙ୍କ ସମସ୍ୟା ଓ ଅଭିଯୋଗକୁ ଗୋଟି ଗୋଟିକରି ଶୁଣିବା ପରେ ପାଖରେ ଥିବା ମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ଅଭିଯୋଗ ପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭିନ୍ନକ୍ଷମ ମାନଙ୍କ ମଧ୍ୟରେ ବୌଦ୍ଧର ହେରମ୍ବ ଗିରି ଆସିଥିଲେ ଅଜଣା ଜଟିଳ ରୋଗରେ ପୀଡିତ ତାଙ୍କ ୭ ବର୍ଷର ନାବାଳକ ପୁଅ ପ୍ରତ୍ୟୁଷ ଗିରିଙ୍କୁ ନେଇ । ପିଲାଟିର ଦୁଇଟି ଯାକ ଆଖି ନଷ୍ଟ ହୋଇଯାଇଛି । ବାପା ମା ଦୁହେଁ ଚିକିତ୍ସା ବାବଦରେ ଦୌଡି ଦୌଡି ସମସ୍ତ ଟଙ୍କା ଖର୍ଚ୍ଚ କରିସାରିବା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ । ମୁଖ୍ୟମନ୍ତ୍ରୀ ପିଲାଟିର ସ୍ୱାସ୍ଥ୍ୟ ଅବସ୍ଥା ଦେଖିବା ପରେ ତୁରନ୍ତ ପାଖରେ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଆମ୍ବୁଲାନ୍ସ ଡାକି ଡାକ୍ତରଖାନା ପଠାଇବାପାଇଁ କହିଥିଲେ । କ୍ୟାପିଟାଲ ହସ୍ପିଟାଲରୁ ପିଲାଟି କଟକ ବଡ ଡାକ୍ତରଖାନାକୁ ଯିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପିଲାଟିର ଚିକିତ୍ସା କିପରି ହେବ ସେ ସମ୍ପର୍କରେ ତନ୍ନ ତନ୍ନ କରି ବୁଝୁଥିଲେ । କଟକ ବଡ ଡାକ୍ତରଖାନାରେ ପିଲାଟି ଚିକିତ୍ସାପାଇଁ ଭର୍ତ୍ତିହେଲା । ପିଲାଟିର ଚିକିତ୍ସା ବାବଦକୁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆହୁରି ମଧ୍ୟ କହିଛନ୍ତି ଯେ, ଜଟିଳ ରୋଗରେ ପୀଡିତ ସବୁ ମାମଲା ଗୁଡିକୁ ଆମେ ସମାନ ଗୁରୁତ୍ୱ ଦେଉଛୁ । ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ ।

ଆଜି ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ । ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହଯୋଗୀ ମନ୍ତ୍ରୀ ମଣ୍ଡଳର ସଦସ୍ୟ ମାନେ ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ଶୁଣୁଥିଲେ ଓ ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପସ୍ଥିତ ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଅଭିଯୋଗ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ହେଉଛି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସପ୍ତମ ପାଳି । ଆଜି ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ୩୦ ହଜାରରୁ ୩୫ ହଜାର ଅଭିଯୋଗକାରୀ ସେମାନଙ୍କ ସମସ୍ୟା ନେଇ ଏଠାକୁ ଆସିଛନ୍ତି । ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତା ହାସଲ କରିଛି । ଜୁଲାଇ ପହିଲାରେ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୮୮ ପ୍ରତିଶତ କେସ୍ ସମାଧାନ ହୋଇଛି । ସେହିଭଳି ଜୁଲାଇ ୧୫ ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୮୪ ପ୍ରତିଶତ, ଅଗଷ୍ଟ ୫ ରେ ହୋଇଥିବା କାର୍ଯ୍ୟକ୍ରମରେ ୮୨ ପ୍ରତିଶତ, ସେପଟ୍ମ୍ବର ୨୩ରେ ହୋଇଥିବା କାର୍ଯ୍ୟକ୍ରମରେ ୮୦ ପ୍ରତିଶତ, ଅକ୍ଟୋବର ୨୧ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୭୭ ପ୍ରତିଶତ ଏବଂ ଡିସେମ୍ବର ୧୬ ତାରିଖରେ ହୋଇଥିବା କାର୍ଯ୍ୟକ୍ରମରେ ୧୬ ପ୍ରତିଶତ କେସର ସମାଧାନ କରାଯାଇଛି। ବାକି ରହିଥିବା କେସ ଗୁଡିକ ପ୍ରକ୍ରିୟାଭୁକ୍ତ ଅଛି, ଖୁବଶୀଘ୍ର ଏଗୁଡିକର ସମାଧାନ କରାଯିବ । ଲୋକମାନେ ବହୁତ ଆଶା ଓ ଭରସା ନେଇ ଆମ ପାଖକୁ ଆସୁଛନ୍ତି । ସମସ୍ତଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱଦେଇ ଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ପ୍ରତି ଜିଲ୍ଲାରେ ମଧ୍ୟ ଜିଲ୍ଲାପାଳଙ୍କ ଜରିଆରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରିରହିଛି । ଏହା ଫଳରେ ଆମେ ଅଧିକରୁ ଅଧିକ ଲୋକଙ୍କୁ ନ୍ୟାୟ ଦେଇପାରୁଛୁ ।ସମସ୍ତେ ନ୍ୟାୟ ପାଇବେ, କେହି ନିରାଶ ହେବେ ନାହିଁ । ଆଗାମୀ ଦିନରେ ଆର୍‌ଡିସି ସ୍ତରରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କାର୍ଯ୍ୟକାରୀ କରିବାର ଯୋଜନା ରହିଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ ଦେଓ ରଞ୍ଜନ ସିଂହ ଏବଂ ଅନ୍ୟ ବିଭାଗ ଗୁଡିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଗଡ଼ିବ ଡବଲ ଡେକର୍ ବସ୍

**ଭୁବନେଶ୍ୱର,୩୦।୧୨ (ମହାଭାରତ) :** ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ରାଜ୍ୟରେ ଡବଲ ଡେକର୍ ବସ୍ ଗଡ଼ିବ ବୋଲି ସରକାର ନିଷ୍ପତ୍ତି କରିଛନ୍ତି। ସରକାରୀ ସୂତ୍ରରୁ ପ୍ରକାଶ ଯେ ଦୁଇଟି ଡବଲ ଡେକର ଇଲେକ୍ଟ୍ରିକ୍ ବସ୍ ମୁମ୍ବାଇରୁ ଓଡିଶା ଅଭିମୁଖେ ଆସୁଛି। ଏହି ଡବଲ ଡେକରର ଡିଜାଇନରେ ଓଡିଶାର କଳା ଏବଂ ସଂସ୍କୃତି ଦୃଶ୍ୟମାନ ହେବ। ଏହାଦ୍ୱାରା ଟ୍ୱିନ୍ ସିଟି ଏବଂ ପୁରୀରେ ଅଧିକ ଆରାମଦାୟକ ଯାତ୍ରା କରିବାକୁ ଲୋକମାନେ ସକ୍ଷମ ହେବେ । ଡବଲ୍-ଡେକର୍ ଇଲେକ୍ଟ୍ରିକ୍ ଏସି ବସ୍ ସେମାନଙ୍କୁ ନିଜ ଗନ୍ତବ୍ୟ ସ୍ଥାନକୁ ସୁବିଧାରେ ନେଇଯିବ ବୋଲି ଆଶା କରାଯାଉଛି।

## କ୍ଷତିଗ୍ରସ୍ତ ଜମି ବୁଲିଲେ ନବୀନ

ଭୁବନେଶ୍ୱର,୩୦।୧୨: ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଜିଲ୍ଲା ଗସ୍ତ କରି ଅଦିନିଆ ବର୍ଷାରୁ କ୍ଷତିଗ୍ରସ୍ତ ଜମି ବୁଲି ଦେଖିବା ପରେ ଆଜି ରାଜ୍ୟ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ସାଧାରଣ ନିର୍ବାଚନ ପରେ ନବୀନ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲା ତଥା ହିଞ୍ଜିଳି ଗସ୍ତ କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। ଗସ୍ତ ସମୟରେ ନବୀନ ଅଞ୍ଚଳର ଚାଷୀ, ଜନସାଧାରଣ ଓ ସ୍ଥାନୀୟ ନେତାଙ୍କୁ ଭେଟି ଲଗାଣ ବର୍ଷା ଜନିତ ଫସଲ କ୍ଷତି ସମ୍ପର୍କରେ ଅଲୋଚନା କରିଛନ୍ତି। ଡିସେମ୍ବରରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ଧାନ ସାଙ୍ଗକୁ ପନିପରିବା, କପା ଓ ଚିନାବାଦାମ ଚାଷ ଆଦି କ୍ଷତିଗ୍ରସ୍ତ ହୋଇଛି। ଏଭଳିସ୍ଥିତିରେ ନବୀନ ପଟ୍ଟନାୟକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଛନ୍ତି।

# ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱର ପଂଚମ ବୃହତମ ଅର୍ଥନୀତି

ନୂଆଦିଲ୍ଲୀ, ୩୦।୧୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ପଂଚମ ବୃହତମ ଅର୍ଥନୀତି ହୋଇପାରିଛି ଏବଂ ଆମେ ତୃତୀୟ ବୃହତମ ଅର୍ଥନୀତି ହେବାର ଲକ୍ଷ୍ୟ ଆଡ଼କୁ ଆତ୍ମବିଶ୍ୱାସର ସହ ଅଗ୍ରସର ହେଉଛୁ । ପ୍ରତିଦ୍ୱନ୍ଦ୍ୱୀ ହେବା ଏବଂ ବିଶ୍ୱ ଦରବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ଭାରତର ସଂକଳ୍ପ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ ବିଶ୍ୱ ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ମାଧ୍ୟମରେ ସ୍ପଷ୍ଟ ହୋଇଛି । ଲଜିଷ୍ଟିକ୍ ଠାରୁ ଆରମ୍ଭ କରି ଉଦ୍ଭାବନ, ନିରାପତ୍ତା ଏବଂ ସାଇବର ନିରାପତା କ୍ଷେତ୍ରରେ ଦେଶ ଯଥେଷ୍ଟ ଅଗ୍ରଗତି କରିଛି। ବିଗତ ୧୦ ବର୍ଷ ମଧ୍ୟରେ ଏହି ସଫଳତା କେବଳ ଉନ୍ନତ ମାନ୍ୟତା ପାଇଁ ନୁହେଁ ବରଂ ବିଶ୍ୱ ବ୍ୟବସ୍ଥାରେ ଭାରତର ଭୂମିକାକୁ ପ୍ରତିପାଦିତ କରିପାରିଛି ।

୨୦୧୫ରୁ ୨୦୧୮ ମଧ୍ୟରେ ଇଜ୍ ଅଫ୍ ଡୁଇଂ ବିଜନେସ୍ ସୂଚକାଙ୍କରେ ୪୨ ସ୍ଥାନ ଉପରକୁ ଉଠି ଭାରତ ନିଜକୁ ନିବେଶ ଅନୁକୂଳ ଗନ୍ତବ୍ୟ ସ୍ଥଳ ଭାବେ ସ୍ଥାନିତ କରିଛି, ଯେଉଁଥିରେ କମ୍ ଅନୁପାଳନ ଏବଂ ଅଧିକ ସୁଯୋଗ ରହିଛି। ସେହିଭଳି ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ଭାରତ ୨୦୧୪ରେ ୭୧ତମ ସ୍ଥାନରେ ଥିବା ବେଳେ ୨୦୧୮ରେ ୩୯ତମ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୨୨ରେ ଭାରତର ବିମାନ ଚଳାଚଳ ନିରାପତା ତଦାରଖ ବ୍ୟବସ୍ଥା ଚୀନ, ଇସ୍ରାଏଲ ଓ ଡେନମାର୍କ ଭଳି ଦେଶକୁ ପଛରେ ପକାଇ ୧୦୨ତମ ସ୍ଥାନରୁ ୪୮ତମ ସ୍ଥାନରେ ପହଂଚିଛି। ଏହି ମାଇଲଖୁଂଟ ଗୁଡିକ ଏହାର ବିଶ୍ୱସ୍ତରୀୟ ସ୍ଥିତି ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ସୁଦୃଢ଼ କରିବା ପାଇଁ ଭାରତର ନିରନ୍ତର ପ୍ରୟାସର ପ୍ରମାଣ ।

୨୦୨୪ରେ ବିଶ୍ୱ ସ୍ତରରେ ଭାରତର ଉନ୍ନତି କେବଳ ଉଲ୍ଲେଖନୀୟ ନୁହେଁ, ଗୁରୁତ୍ୱପୂର୍ଣ୍ଣ ମାନ୍ୟତା ଏବଂ ଉପଲବ୍ଧି ଏହାର ବଢୁଥିବା ପ୍ରଭାବକୁ ଦର୍ଶାଉଛି । ସର୍ବବୃହତ ବୈଦେଶିକ ମୁଦ୍ରା ଭଣ୍ଡାର ଥିବା ଶୀର୍ଷ ଚାରିଟି ଦେଶ ମଧ୍ୟରେ ସ୍ଥାନ ସୁରକ୍ଷିତ କରିବାଠାରୁ ଆରମ୍ଭ କରି ବିଶ୍ୱ ଉଦ୍ଭାବନ ସୂଚକାଙ୍କରେ ଶୀର୍ଷ ସ୍ଥାନ ହାସଲ କରିବା ପର୍ଯ୍ୟନ୍ତ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଅଗ୍ରଗତି ଅପରିବର୍ତ୍ତିତ ରହିଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଚମତ୍କାର ରହିଛି। ଲଜିଷ୍ଟିକ୍ ପ୍ରଦର୍ଶନ ସୂଚକାଙ୍କ ୨୦୨୩ରେ ଭାରତର ଉନ୍ନତି ସହିତ ଭାରତର ବାଣିଜ୍ୟ ଦକ୍ଷତା ବୃଦ୍ଧି ପାଇଛି ଏବଂ ବର୍ତ୍ତମାନ ୧୩୯ଟି ଦେଶ ମଧ୍ୟରୁ ୩୮ତମ ସ୍ଥାନରେ ରହିଛି। ବାଣିଜ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ଭାରତର ବଢୁଥିବା ଶକ୍ତିକୁ ଏହା ଦର୍ଶାଉଛି । ଏହାବ୍ୟତୀତ ଜାହାଜ ଚଳାଚଳ କ୍ଷେତ୍ରରେ ଭାରତ ଅନେକ ବିକଶିତ ଦେଶକୁ ପଛରେ ପକାଇ ବିଶ୍ୱ ବାଣିଜ୍ୟର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି । ସାଗରମାଳା ପ୍ରକଳ୍ପ ଅଧୀନରେ ବନ୍ଦର କ୍ଷମତା ବୃଦ୍ଧି, ବନ୍ଦର ଭିତ୍ତିଭୂମିରେ ପୁଞ୍ଜିନିବେଶ ଏବଂ ବନ୍ଦରଗୁଡ଼ିକର ଉନ୍ନତ ସଂଯୋଗ ବୃଦ୍ଧି ପାଇଛି । ଭାରତର ପ୍ରମୁଖ ବନ୍ଦରଗୁଡ଼ିକରେ ଜାହାଜଗୁଡ଼ିକର ଚଳାଚଳ ସମୟ ୨୦୧୩-୧୪ରେ ୯୩.୫୯ ଘଂଟାରୁ ୪୮.୬୫ ପ୍ରତିଶତ ହ୍ରାସ ପାଇ ୨୦୨୩-୨୪ରେ ୪୮.୦୬ ଘଂଟାରେ ପହଂଚିଛି ।



ଏହା ସହିତ ଭାରତ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦୦ ଆମେରିକୀୟ ବିଲିୟନ ଡଲାର ଅତିକ୍ରମ କରି ଚୀନ, ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡକୁ ପଛରେ ପକାଇ ବିଶ୍ୱସ୍ତରରେ ଚତୁର୍ଥ ସ୍ଥାନରେ ରହିଛି । ଅନ୍ୟ ଏକ ପ୍ରଭାବଶାଳୀ ଉପଲବ୍ଧି ହେଉଛି ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ଭାରତ ୨୦୨୪ରେ ୩୯ତମ ସ୍ଥାନକୁ ଉନ୍ନୀତ ହେବା ସରକାରଙ୍କ ନିରନ୍ତର ଧ୍ୟାନ ଏକ ଅର୍ଥନୈତିକ ସଂସ୍କାରକୁ ଦର୍ଶାଉଛି, ଯାହା ଭାରତକୁ ବିଶ୍ୱ ବଜାରରେ ଏକ ଶକ୍ତିଶାଳୀ ଖେଳାଳି ରେ ପରିଣତ କରିଛି । ଗତ ଦଶନ୍ଧି (ଏପ୍ରିଲ ୨୦୧୪ରୁ ସେପଟ୍ମ୍ବର ୨୦୨୪) ମଧ୍ୟରେ ମୋଟ ଏଫଡିଆଇ ପ୍ରବାହ ୭୦୯.୮୪ ବିଲିୟନ ଡଲାର ଥିଲା, ଯାହା କି ଗତ ୨୪ ବର୍ଷମଧ୍ୟରେ ମୋଟ ଏଫଡିଆଇ ପ୍ରବାହର ୬୮.୬୯% ଅଟେ । ୨୦୨୪ରେ ଚୀନ୍ ପରେ ଭାରତ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ସର୍ବବୃହତ୍ ରାଷ୍ଟ୍ର ପାଲଟିଛି। ଏହା ମୋବାଇଲ୍ ଫୋନ୍ ଉତ୍ପାଦନରେ ବିଶ୍ୱସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି।

ଗ୍ଲୋବାଲ ଇନୋଭେସନ୍ ଇଣ୍ଡେକ୍ସ ୨୦୨୪ ଏହି ଅଗ୍ରଗତିର ଏକ ସ୍ପଷ୍ଟ ପ୍ରତିଫଳନ, କାରଣ ଭାରତ ୨୦୧୫ରେ ୮୧ତମ ସ୍ଥାନରୁ ୩୯ତମ ସ୍ଥାନକୁ ଉନ୍ନୀତ ହୋଇଛି, ଯାହା ଦେଶର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତିକୁ ଦର୍ଶାଉଛି। ଏହାର ବୈଷୟିକ ମାନକୁ ଆହୁରି ବଢ଼ାଇ ଭାରତ ନେଟ୍ୱାର୍କ ରେଡିନେସ୍ ଇଣ୍ଡେକ୍ସ ୨୦୨୪ରେ ୧୧ ଟି ସ୍ଥାନ ଉପରକୁ ଉଠିଥିଲା ଏବଂ ବର୍ତ୍ତମାନ ଶ୍ରେଷ୍ଠ ୫୦ ଟି ଦେଶ ମଧ୍ୟରେ ସ୍ଥାନ ପାଇଛି । ଏଆଇ ପ୍ରତିଭା ଏବଂ ଆଇସିଟି ସେବା ରପ୍ତାନିରେ ଭାରତ ପ୍ରଥମ, ଏଆଇ ବୈଜ୍ଞାନିକ ପ୍ରକାଶନରେ ପ୍ରଥମ, ଏଫଟିଟିଏଚ୍ ସବସ୍କ୍ରିପସନ ଏବଂ ମୋବାଇଲ୍ ଇଂଟରନେଟ୍ ଟ୍ରାଫିକରେ ଦ୍ୱିତୀୟ ଏବଂ ତୃତୀୟ ଘରୋଇ ବଜାର ସ୍କେଲରେ ଭାରତ ସ୍ଥାନ ପାଇଛି। ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସକୁ ଏହି ପଦକ୍ଷେପ ଦର୍ଶାଉଛି। ପେଟେଂଟ, ଟ୍ରେଡମାର୍କ ଏବଂ ଇଣ୍ଡଷ୍ଟ୍ରିଆଲ ଡିଜାଇନରେ ଭାରତ ଶ୍ରେଷ୍ଠ ୧୦ ଟି ଦେଶ ମଧ୍ୟରେ ସ୍ଥାନ ସୁରକ୍ଷିତ କରିଛି: ଡବ୍ଲୁଆଇପିଓ ୨୦୨୪ ରିପୋର୍ଟ, ବୌଦ୍ଧିକ ସମ୍ପତି କ୍ଷେତ୍ରରେ ଦେଶର ବଢୁଥିବା ନେତୃତ୍ୱ ଏବଂ ବୈଷୟିକ ଉନ୍ନତିରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୋହରାଇଛି । କେବଳ ଏତିକି ନୁହେଁ, ପେଟେଂଟ ଏବଂ ଟ୍ରେଡମାର୍କ ଭଳି ଅଣ-ଭୌତିକ ସମ୍ପତ୍ତିର ଦୃଢ଼ତା ଉପରେ ଆଲୋକପାତ କରି ଭାରତ 'ଇନ୍ଟାଙ୍ଗିବୁଲ୍ ଆସେଟ୍ ଇଂଟେନସିଟି' ରେ ବିଶ୍ୱସ୍ତରରେ ସପ୍ତମ ସ୍ଥାନରେ ରହିଛି ।

ଭାରତର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ବେଳେ ବିଶ୍ୱ ଶିକ୍ଷା ମାନ୍ୟତାରେ ଦେଶ ଉଲ୍ଲେଖନୀୟ ଅଗ୍ରଗତି କରିଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗ: ଏସିଆ ୨୦୨୫ ଭାରତର ବଢୁଥିବା ପ୍ରାଧାନ୍ୟ ଉପରେ ଆଲୋକପାତ କରିଛି ଏବଂ ଏହାର ୭ଟି ଅନୁଷ୍ଠାନ ବର୍ତ୍ତମାନ ଏସିଆରେ ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇଛି । କେବଳ ଏତିକି ନୁହେଁ, ୯୮୪ଟି ଅନୁଷ୍ଠାନ ମଧ୍ୟରୁ ୧୬୨ଟି ବିଶ୍ୱବିଦ୍ୟାଳୟ ତାଲିକାଭୁକ୍ତ ହୋଇ ଜାପାନ (୧୧୫) ଏବଂ ଚୀନ୍ (୧୩୫)ଙ୍କୁ ପଛରେ ପକାଇ କ୍ରମାଗତ ଦୁଇ ଥର କ୍ୟୁଏସ୍ ରାଙ୍କିଙ୍ଗରେ ଭାରତ ସର୍ବାଧିକ ପ୍ରତିନିଧିତ୍ୱ କରୁଥିବା ଦେଶ ପାଲଟିଛି । ଏହି ସଫଳତା ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ଏବଂ ଗବେଷଣା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଦେଶର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ଗତ କିଛି ବର୍ଷ ମଧ୍ୟରେ ଭାରତର ଡିଜିଟାଲ ଭିତ୍ତିଭୂମି ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ଗ୍ଲୋବାଲ ସାଇବର ସିକ୍ୟୁରିଟି ଇଣ୍ଡେକ୍ସ ୨୦୨୪ରେ ଏହାର ସଫଳତା, ଟାୟର ୧ ମାନ୍ୟତା ହାସଲ କରିବା ଏହି ପରିବର୍ତ୍ତନକୁ ସୂଚାଉଛି । ଭାରତ ୧୦୦ରୁ ୯୮.୪୯ ସ୍କୋର କରିଛି ଯାହା ସାଇବର ସୁରକ୍ଷା ପାଇଁ ଭାରତକୁ ବିଶ୍ୱର ଶ୍ରେଷ୍ଠ ଦେଶ ମାନଙ୍କ ମଧ୍ୟରେ ସ୍ଥାନିତ କରିଛି ।

## ଚାଷୀଙ୍କୁ ଠକି ପାରିବେନି ବୀମା କମ୍ପାନୀ : ସୁରେଶ ପୂଜାରୀ

ଭୁବନେଶ୍ୱର, ୩୦।୧୨(ମହାଭାରତ): ଚାଷୀଙ୍କ ପାଇଁ ଓକିଲ ହେବେ ରାଜ୍ୟ ସରକାର । ରାଜସ୍ୱ ମନ୍ତ୍ରୀ ବି କରିବେ ଓକିଲାତି । ଚାଷୀଙ୍କୁ ଠକି ପାରିବେନି ବୀମା କମ୍ପାନୀ । ଧାନ ଚାଷ ଆରମ୍ଭ ଠାରୁ ମଣ୍ଡି ଆଡ଼କୁ ମୁହାଁଇବା ପର୍ଯ୍ୟନ୍ତ ବୀମା ପରିସର ଭୁକ୍ତ ହେବା କଥା । ଅତୀତରେ ବୀମା କମ୍ପାନୀ ମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ବିଜେପି ସରକାର ସମୟରେ ବୀମା କମ୍ପାନୀ ମାନେ କ୍ଷତିପୂରଣ ନଦେଲେ କଡ଼ା ଆକ୍ସନ ହେବ ବୋଲି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଦେଖିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି। କେବଳ ଧାନ ନୁହେଁ ପନିପରିବା, କପା ଓ ଚିନାବାଦାମ ମଧ୍ୟ କ୍ଷତି ହୋଇଛି । ୨ ଲକ୍ଷ ଚାଷୀ ବୀମା କମ୍ପାନୀ ନିକଟରେ ଅଭିଯୋଗ ଶୁଣାଇ ସାରିଲେଣି । ୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ବଢ଼ାଇବାକୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି ସମବାୟ ସଚିବ । ପନିପରିବା ଓ କପା ଚାଷୀ ବୀମା କରିନାହାନ୍ତି । ତେଣୁ ବୀମା କରିନଥିବା ଚାଷୀଙ୍କୁ ସହାୟତା ଦେବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆଜି ଜିଲ୍ଲା ସ୍ତରର କ୍ଷୟକ୍ଷତି ରିପୋର୍ଟ ଆସିଯିବ । ଜିଲ୍ଲାପାଳ ମାନଙ୍କୁ କୁହାଯାଇଛି, କେହି ଚାଷୀ ଯେମିତି କ୍ଷତିପୂରଣ ପାଇବାରୁ ବାଦ ପଡ଼ିବେନି । ଅଦିନିଆ ବର୍ଷା କ୍ଷୟକ୍ଷତି ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରେ ନାହିଁ । ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରକୁ ଆଣିବା ପାଇଁ ଅଧ୍ୟୟନ ଆରମ୍ଭ କରିଛନ୍ତି ସରକାର । ବୀମା କରୁଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବୀମା କମ୍ପାନୀ ଗୁଡ଼ିକ ସହ ସରକାର ସମ୍ପର୍କରେ ଅଛନ୍ତି । ଯେଉଁମାନେ ବୀମା କରିନାହାନ୍ତି କିମ୍ବା ଭାଗ ଚାଷୀ । ସେମାନଙ୍କୁ ସିଧାସଳଖ ସହାୟତା ଦେବା ପାଇଁ ସରକାର ବିଚାର କରୁଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୩୦।୧୨(ମହାଭାରତ): ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିବାରୁ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସହାୟତା ଦେବାପାଇଁ ଯୋଜନା କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକ କରିବା ସହିତ ନୟାଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଅନ୍ୟ ମନ୍ତ୍ରୀମାନେ ମଧ୍ୟ କ୍ଷତିଗ୍ରସ୍ତ ଅଂଚଳକୁ ଗସ୍ତ କରିଛନ୍ତି । ଉଭୟ ବୀମା କରିନଥିବା ଓ ବୀମା କରିଥିବା ଚାଷୀମାନଙ୍କୁ ସହାୟତା ଦିଆଯିବ । ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯ ଥିଲା ଶେଷ ତାରିଖ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣମନ୍ତ୍ରାଳୟକୁ ଏହି ଅବଧି ବଢାଇବାକୁ ଅନୁରୋଧ କରାଯାଇଥିଲା । ଚାଷୀ ମାନଙ୍କସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅବଧିକୁ ଆଉ ତିନି ଦିନ ପାଇଁ ବୃଦ୍ଧିକରିଛନ୍ତି । ତେଣୁ, ଚାଷୀମାନେ ବର୍ତ୍ତମାନ ୨୦୨୫ ଜାନୁଆରୀ ୧ ତାରିଖପର୍ଯ୍ୟନ୍ତ ବୀମା କମ୍ପାନୀ ମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇ ପାରିବେ ।ଓଡିଶାର ଚାଷୀ ମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଏହି ସହାନୁଭୂତିଶୀଳମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଧନ୍ୟବାଦ ଦେଇଛନ୍ତି।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



ଖବର

# ବର୍ଷା ପ୍ରିୟଦର୍ଶିନୀଙ୍କ 'ୱାଇଫ୍' ସତ ନା କାହାଣୀ



ନୂଆବର୍ଷରେ ଆସୁଛି ବର୍ଷା ପ୍ରିୟଦର୍ଶିନୀଙ୍କ 'ୱାଇଫ୍'। ଜାନୁଆରୀ ୩ ତାରିଖରେ ବଡ଼ ଦରଦାକୁ ଆସିବ ଏହି ଫିଲ୍ମଣ୍ଡ ଏଥିରେ ବର୍ଷା ମୁଖ୍ୟ ଚରିତ୍ରରେ ଥିବା ବେଳେ ନିଜେ ସହ ପ୍ରଯୋଜିକା ଅଛନ୍ତି। ଏହାର କାହାଣୀ ସତ ଘଟଣା ଉପରେ ଆଧାରିତ ନା କାଳ୍ପନିକ, ତାକୁ ନେଇ ନାନା ଚର୍ଚ୍ଚା ହେଉଛି। ତେବେ ପୂରା ଫିଲ୍ମ ବଡ଼ ପରଦାକୁ ଆସିବା ପରେ ଉଠିବ ପର୍ଦ୍ଦା।ଚର୍ଚ୍ଚାହେଉଛି ମାହି ଚରିତ୍ରରେ ଥିବା ବର୍ଷାଙ୍କର ପ୍ରେମ ବିବାହ ହେଉଛିୟ ସ୍ୱାମୀ ଯୁବରାଜ ତାଙ୍କର ଜଣେ ବିଜ୍ନେସ୍ ମ୍ୟାନ୍ୟ ପରବର୍ତ୍ତୀ ସମୟରେ ଉଭୟଙ୍କ ପରିବାରରେ ଉଠୁଛି ଅଶାନ୍ତିର ଝଡ଼। ଆଉ ଯୁବରାଜ ଜଣେ ସାମ୍ୱାଦିକାଙ୍କ ପ୍ରେମରେ ପଡୁଛନ୍ତି। ତାଙ୍କ ପ୍ରେମରେ ଉବୁଟୁବୁ ହେଉଛି। ଏହାକୁ ମାହି ଓ ଯୁବରାଜଙ୍କ ପାରିବାରିକ ସମ୍ପର୍କରେ ଉଠିଥିବା ଅଶାନ୍ତିର ଝଡ଼କୁ ନେଇ ଆଗକୁ ବୁଛି ଫିଲ୍ମର କାହାଣୀ।'ୱାଇଫ୍'କୁ ନେଇ ବର୍ଷା କହିଛନ୍ତି, ମୁଁ ଚାହୁଁଥିଲି ଲୋକମାନେ ଏହି ଫିଲ୍ମକୁ ଦେଖନ୍ତୁ। ଏଥିରେ ଗୋଟିଏ ସକାରାତ୍ମକ ବା□ା ରହିଛି। ବିବାହର ମହତ୍ୱ ଓ ଗୁରୁତ୍ୱ ଉପରେ ଏଥିରେ ଗୋଟିଏ ଭଲ ବାର୍ତ୍ତା ରହିଛି। ଚଳଚ୍ଚିତ୍ରରେ ମାହି ଓ ଯୁବରାଜଙ୍କ କାହାଣୀ ରହିଛି। ଜଣେ ଯଦି ହାତ ବାଏ ଓ ଆଉ ଜଣେ ଯଦି ହାତ ନଧରିବ, ତାହାହେଲେ ସଂସାର ରଥ ଆଗକୁ ବିବ ନାହିଁ। ଜଣେ ଯଦି ନିଜର ଅହଙ୍କାର ଓ ଜିଦ୍ରେ ଅଟଳ ରହିବ, ତାହାହେଲେ ସମାଧାନର ରାସ୍ତା ବାହାରି ପାରିବ ନାହିଁ। ଦର୍ଶକଙ୍କୁ କହିବି ନୂଆ ବାର୍ତ୍ତା ନେଇ ନୂଆବର୍ଷରେ ଆସୁଛି 'ୱାଇଫ୍'। ଲୋକମାନା ଫିଲ୍ମ ଦେଖନ୍ତୁ ଓ ଆଶୀର୍ବାଦ ଦିଅନ୍ତୁ ବୋଲି ବର୍ଷା କହିଛନ୍ତି।ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ସଂଳାପ ଲେଖିଛନ୍ତି ବିଜୟ ମଲ୍ଲୟ ସଙ୍ଗୀତ ନିର୍ଦ୍ଦେଶନା ମଳୟ ମିଶ୍ର ଓ ଗୀତ ରଚନା କରିଛନ୍ତି ବିଜୟ ମଲ୍ଲ ଏବଂ ଅରୁଣ ମନ୍ତ୍ରୀୟ ଆଜି ଏହି ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂ ହୋଇଛି। ଅନେକ ସାଟେଲାଇଟ ନ୍ୟୁଜ ଟେଲିଭିଜନ ଚ୍ୟାନେଲର ମୁଖ୍ୟ ସମ୍ପାଦକ, ରିପୋର୍ଟର୍ସ, ସୋଶାଲ ମିଡ଼ିଆ ରିପୋର୍ଟର୍ସ, ବଲିଉଡର ନାମିଦାମୀ ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ସିନେ ସମୀକ୍ଷକ ପ୍ରମୁଖ ଫିଲ୍ମକୁ ଦେଖିଛନ୍ତି। ଜାନୁଆରୀ ୩ ତାରିଖରେ ଫିଲ୍ମଟି ବଡ଼ ପରଦାକୁ ଆସିବ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

# ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ



ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଚାନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ । ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ । ଏହାସହ ଛୋଟ ଚାନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।

ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ ।

ଚାନ୍ଦି ଡବା : ଏକ ଚାନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ ।

ଚାନ୍ଦି ଓ ସୁନା କଏନ୍ : ଚାନ୍ଦିର କଏନ୍ ଲକରରେ ରଖନ୍ତୁ । ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ । ଘରେ ଶାନ୍ତି ବୃଦ୍ଧି ହେବ ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ । ଏହାକୁ ପ୍ରତିଦିନ ପୂଜା କରନ୍ତୁ ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ । ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ । ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ । ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ ।

# ପକ୍ଷୀତୀର୍ଥ ବେଦଗିରି



ଭଗବାନ ଶିବଙ୍କ ଆଜ୍ଞାକ୍ରମେ ଥରେ ନନ୍ଦୀ ତିନୋଟି ପର୍ବତ ସୃଷ୍ଟି କଲେ। ଏଥିମଧ୍ୟରୁ ଗୋଟିଏ ଥିଲା ବେଦଗିରି । ବେଦଗିରି ଏକ କ୍ଷୁଦ୍ର ପାହାଡ଼ ଥିଲା । ଏବେ ଏହି ପାହାଡ଼ ପାଦଦେଶରେ ଏକ ସହର ରହିଛି, ଯାହାର ନାମ 'ତିରୁକ୍କଲୁକ୍କୁନ୍ନମ୍', ଅର୍ଥାତ୍ ପକ୍ଷୀ ତୀର୍ଥ । ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରୁ ୫୬କିମି ଦୂରରେ ଚେଙ୍ଗଲପଟନମ୍ ଷ୍ଟେସନ୍ ରହିଛି । ଏଠାରୁ ୧୪ କିମି ଦୂରତାରେ ରହିଛି ପକ୍ଷୀ ତୀର୍ଥ । ପକ୍ଷୀ ତୀର୍ଥ ଏବଂ ବେଦଗିରି ପର୍ବତ ଏକ ସମତଳ ସ୍ଥାନରେ ରହିଛି । ଏଠାରେ ଦିନ ୧୧ଟାରୁ ଦୁଇଟା ମଧ୍ୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀଗୁଡ଼ିକ କୈଳାସ ପର୍ବତରୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି । ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶ କାଉ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଘନ କଳା ହୋଇଥାଏ। ସ୍ଥାନୀୟ ଲୋକେ ଏହି ପକ୍ଷୀକୁ ଚମରଗିଦ୍ଧା, ମଲଗିଦ୍ଧା ନାମରେ ସମ୍ବୋଧନ କରିଥାନ୍ତି । ଉତ୍ତରଭାରତର ରାଜସ୍ଥାନରେ ସାଧାରଣତଃ ଏଭଳି ପକ୍ଷୀ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି । ଲୋକ ବିଶ୍ୱାସ ଅନୁଯାୟୀ, ଏକ ନିଛାଟିଆ ସ୍ଥାନରେ ଗୁମ୍ଫାଟିଏ ରହିଛି । ସେହି ଗୁମ୍ଫାରେ ଜଣେ ପଣ୍ଡିତ ଅଛନ୍ତି, ସେ ଏହି ପକ୍ଷୀସବୁକୁ ପାଳିଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ପକ୍ଷୀ ଛାଡ଼ିଦେଇଥାନ୍ତି । ଭୋଜନ ଲୋଭରେ ପକ୍ଷୀଗୁଡ଼ିକ ବେଦଗିରି ନିକଟକୁ ଉଡ଼ିଆସନ୍ତି । ଏମାନଙ୍କ ଦ୍ୱାରା ବଳକା ରହିଥିବା ଭୋଜନ ତୀର୍ଥଯାତ୍ରୀ ପ୍ରସାଦ ରୂପରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଏହି ତୀର୍ଥର ନାମ ପକ୍ଷୀତୀର୍ଥ ହୋଇଛି । ପକ୍ଷୀତୀର୍ଥ ନିକଟରେ ରହିଛି ରୁଦ୍ରକୋଟି ଶିବ ମନ୍ଦିର । ଏଠାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କୁ ପୂଜା କରାଯାଇଥାଏ ।

ମା' ପାର୍ବତୀ ଏଠାରେ ଅଭିରାମନାୟକୀ ନାମରେ ପୂଜା ପାଉଛନ୍ତି । ମନ୍ଦିରରେ ଶଙ୍କରତୀର୍ଥ ନାମକ ସରୋବର ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବୃହସ୍ପତି କନ୍ୟା ରାଶିରେ ପ୍ରବେଶ କଲେ ଏହି ସରୋବରରୁ ଏକ ଶଙ୍ଖ ଉତ୍ପନ୍ନ ହୋଇଥାଏ । ସେହିପରି ପକ୍ଷୀତୀର୍ଥ ନିକଟରେ ଥିବା ବେଦଗିରି ପର୍ବତ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ଶିବମନ୍ଦିରରେ ସ୍ୱୟମ୍ଭୁ ଶିବଲିଙ୍ଗ ପୂଜା ପାଉଛନ୍ତି । ମହାଦେବଙ୍କୁ ଏଠାରେ ଶ୍ରୀବେଦଗିରିଶ୍ୱର ନାମରେ ପୂଜା କରାଯାଇଥାଏ । ୫୦୦ଟି ପାହାଚ ଚଢ଼ି ପର୍ବତ ଉପରକୁ ଗଲେ ସ୍ୱୟମ୍ଭୁ ଭଗବାନ ଶିବଙ୍କ ଦର୍ଶନ ମିଳିଥାଏ ।

## ବିଛଣା ଓ ବାସନକୁ ସର୍ବଦା ସଫାସୁତୁରା ରଖିବା ଉଚିତ

ବହୁ ସମୟରେ ଏପରି ଦେଖାଯାଏ, ଯେ ଟଙ୍କା ରୋଜଗାର କଲେ ମଧ ଆଶାନୁରୂପକ ସଂଚୟ ହୋଇପାରିନଥାଏ ଓ ଟଙ୍କାପଇସାର ଅଭାବ ଲାଗି ରହେ। ଶାସ୍ତ୍ରରେ ଏପରି କିଛି କଥା



ବିଷୟରେ ବର୍ଣ୍ଣନା କରାଯାଇଛି, ଯେଉଁ କାରଣରୁ ଏଭଳି ସମସ୍ୟା ଲାଗି ରହିଥାଏ। ଜାଣନ୍ତୁ ଏହା ବିଷୟରେ.. ଗୁରୁଜନଙ୍କ ଅପମାନ କରିବା ଦ୍ୱାରା -

ଯେଉଁମାନେ ବଡ଼ମାନଙ୍କର ଅପମାନ କରିଥାଆନ୍ତି ଓ ଖରାପ ବ୍ୟବହାର କରିଥାଆନ୍ତି। ସେମାନଙ୍କ ଉପରେ ମା'ଲକ୍ଷ୍ମୀଙ୍କ କୃପା ରହିନଥାଏ। ଶାସ୍ତ୍ରରେ କୁହାଯାଇଛି, ବଡ଼ମାନଙ୍କୁ ସମ୍ମାନ କରୁଥିବା ବ୍ୟକ୍ତି ଜୀବନରେ ଅଧିକ ଉନ୍ନତି କରିଥାଆନ୍ତି। ଭଗବାନଙ୍କ ଆଶାର୍ବାଦ ସର୍ବଦା ସେମାନଙ୍କ ଉପରେ ରହିଥାଏ। ସକାଳୁ ଉଠିବା ପରେ ଏହା ଦେଖିବା ଅନୁଚିତ -

ବହୁ ଲୋକଙ୍କର ରୋଷେଇ ଘର ଅସନା ଅପରିଷ୍କାର ହୋଇରହିଥାଏ। ଏପରି ଘରର ପରିବାର ସଦସ୍ୟଙ୍କ ଜାତକରେ ବିଭିନ୍ନ ଗ୍ରହଙ୍କର କୁପ୍ରଭାବ ପଡ଼ିଥାଏ। କୁହାଯାଏ ଯେ, ରୋଷେଇ ଘରକୁ ସର୍ବଦା ସଫାସୁତୁରା ରଖିବା ଉଚିତ। ରାତିର ଅଇଁଠା ବାସନକୁ ସକାଳ ଯାଏଁ ରଖିବା ଉଚିତ ନୁହେଁ। ଏହା ଦ୍ୱାରା ଘରେ ସର୍ବଦା ଧନର ଅଭାବ ହୋଇଥାଏ। ଶୋଇବା କକ୍ଷର ବିଛଣା ସର୍ବଦା ସଫାସୁତୁରା ରଖିବା ଉଚିତ। ବିଛଣା ଅପରିଷ୍କାର ହେଲେ ବାସ୍ତୁ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ଲାଗି ରହିଥାଏ। ଗୃହର ସମ୍ମୁଖରେ ଜୋତାଚପଲ ଏଣେତେଣେ ପକାଇବା ଉଚିତ ନୁହେଁ। ଏହାଛଡ଼ା ଘରର ବାହାରକୁ ପିନ୍ଧି ଯାଉଥିବା ଜୋତା ଘର ଭିତରେ ପିନ୍ଧନ୍ତୁ ନାହିଁ। ଏହା ଦ୍ୱାରା ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଘରେ ଥିବା ବାସନକୁ ସର୍ବଦା ସଫା ରଖନ୍ତୁ। ବାସନ ଅପରିଷ୍କାର ହେଲେ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି କୁହାଯାଇଛି। ଏହାର ପ୍ରଭାବରେ ସଦସ୍ୟଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥାଏ। ଘରେ କେବେ ମଧ ଭଙ୍ଗା କିମ୍ବା ଫଟା ବାସନ ବ୍ୟବହାର କରିବା ଉଚିତ ନୁହେଁ। ଏହା ଦ୍ୱାରା ଗୃହରେ ସୁଖସମୃଦ୍ଧି ହ୍ରାସ ପାଇଥାଏ। ଘରେ ଚାନ୍ଦିର ବାସନ ରଖିବା ଅତ୍ୟନ୍ତ ଶୁଭଫଳ ପ୍ରଦାନ କରିଥାଏ।

# କୁଦୋପାଲିରେ ଶହୀଦଙ୍କ ସ୍ମୃତିରେ ତ୍ରିରଙ୍ଗା ପଦଯାତ୍ରା

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ସମ୍ବଲପୁର ସଂଘର୍ଷ ଓ ବଳିଦାନର ଅଂଚଳ ଏବଂ ଐତିହାସିକ କୁଦୋପାଲି ଆମର ତ୍ୟାଗ ଓ ବୀରତ୍ୱର ପ୍ରତୀକ। ୧୮୫୭ ମସିହାର ଆଜିର ଦିନରେ କୁଦୋପାଲି ଘାଟିରେ ବ୍ରିଟିଶମାନଙ୍କ ବିରୋଧରେ ଲଢେଇ କରି ଶହୀଦ ହୋଇଥିବା ବୀର ଛବିଳ ସାଏ ଓ ୫୭ ଜଣ ଶହୀଦଙ୍କ ସ୍ମୃତିରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସୋମବାର ସମ୍ବଲପୁର କୁଦୋପାଲି ଠାରେ ଜିଲ୍ଲା ପ୍ରଶାସନ ସହଯୋଗରେ 'ବୀର ଛବିଳ ସାଏ ସ୍ମୃତି କମିଟି' ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ପବିତ୍ର ଦିନ। ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ପରେ ଆଉ ୪ ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ଏହିପରି ୫୭ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ଶହୀଦମାନଙ୍କ ମଧ୍ୟରେ ମହାନ ପରାକ୍ରମୀ ବୀର ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କ ଭାଇ ବୀର ଛବିଳ ସାଏ ମଧ୍ୟ ଥିଲେ। କୁଦୋପାଲିର ତ୍ୟାଗ,



ଇତିହାସ ଓ ସମର୍ପଣ ଭାବନା କୌଣସି ଗୁଣରେ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡରୁ କମ ନୁହେଁ। କୁଦୋପାଲି ଘାଟିରେ ଶହୀଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ଛବିଳ ସାଏ ଓ ତାଙ୍କ ସହଯୋଗୀଙ୍କ ବଳିଦାନ କାରଣରୁ ଦେଶ ସ୍ୱାଧୀନତା ପାଇବା ସହ ଆମର ଗଣତନ୍ତ୍ର ମଜଭୂତ୍ ହୋଇପାରିଛି। ଏହି ବୀର ଶହୀଦ ମାନଙ୍କ ତ୍ୟାଗ, ନିଷ୍ଠା ଓ ପରାକ୍ରମ ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିବ। ସେ କହିଛନ୍ତି ଯେ ଆମେ ଇତିହାସ ବଦଳାଇବା ପାଇଁ ନୁହେଁ ବରଂ ଇତିହାସକୁ ବଡ କରିବାର କାମ କରୁଛୁ। ଉଦନ୍ତ ସାଏ, ଛବିଳ ସାଏଙ୍କ ପରି ଇତିହାସ ପୃଷ୍ଠାରେ ଆନାଲୋଚିତ ନାୟକଙ୍କ ବଳିଦାନକୁ ଏ ଦେଶ ଜାଣିବା ଉଚିତ୍। କୁଦୋପାଲିର ବଳିଦାନକୁ ଦେଶ ଜାଣିବା ଉଚିତ୍ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ବଲପୁରର ଭାଷା, ସଂସ୍କୃତି, ସଭ୍ୟତା, ଇତିହାସ ଏବଂ ସଂଗ୍ରାମୀମାନଙ୍କ ଭୂମିକା ଅନନ୍ୟ ଓ ଅସାଧାରଣ। ସମ୍ବଲପୁର କ୍ରାନ୍ତି ଓ ବ୍ରିଟିଶଙ୍କ ବିରୋଧରେ ଲଢେଇ କରିଥିଲା। ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବ୍ରିଟିଶମାନଙ୍କ ବିରୋଧରେ ଲଢେଇ କରିଥିଲା ସମ୍ବଲପୁର। ବୀର ସୁରେନ୍ଦ୍ର ସାଏ ଜନ୍ମ ଗ୍ରହଣ କରିଥିଲେ ଖିଣ୍ଡାରେ, ମାତ୍ର ତାଙ୍କ କର୍ମଭୂମି ଥିଲା ବାରପାହାଡ। ଓଡ଼ିଶାର ପଶ୍ଚିମାଂଚଳ ବିଶେଷ ଭାବରେ ମାତୃଭୂମିର ସୁରକ୍ଷା ପାଇଁ ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜ୍ଜଳ ସାଏ, ମେଦିନୀ ସାଏ, କୋଲାବିରା ଜମିଦାର କରୁଣାକର ସିଂହ ନାଏକ, ଘେଁସ ଜମିଦାର ପରିବାରର ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆଙ୍କ ଅବଦାନ ଅତୁଳନୀୟ। ସେହିପରି ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଗଙ୍ଗାଧର ମେହେରଙ୍କ ସାହିତ୍ୟ ୱିଲିଅମ ସେକ୍ସପିୟରଙ୍କ କାବ୍ୟଠୁ କୌଣସି ଗୁଣରେ କମ ନଥିଲା।

# ଗଡ଼ିବ ଡବଲ ଡେକର୍ ବସ୍

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ରାଜ୍ୟରେ ଡବଲ ଡେକର୍ ବସ୍ ଗଡ଼ିବ ବୋଲି ସରକାର ନିଷ୍ପତ୍ତି କରିଛନ୍ତି। ସରକାରୀ ସୂତ୍ରରୁ ପ୍ରକାଶ ଯେ ଦୁଇଟି ଡବଲ ଡେକର ଇଲେକ୍ଟ୍ରିକ୍ ବସ୍ ମୁମ୍ବାଇରୁ ଓଡିଶା ଅଭିମୁଖେ ଆସୁଛି। ଏହି ଡବଲ ଡେକରର ଡିଜାଇନରେ ଓଡିଶାର କଳା ଏବଂ ସଂସ୍କୃତି ଦୃଶ୍ୟମାନ ହେବ। ଏହାଦ୍ୱାରା ଟ୍ୱିନ୍ ସିଟି ଏବଂ ପୁରୀରେ ଅଧିକ ଆରାମଦାୟକ ଯାତ୍ରା କରିବାକୁ ଲୋକମାନେ ସକ୍ଷମ ହେବେ। ଡବଲ୍-ଡେକର୍ ଇଲେକ୍ଟ୍ରିକ୍ ଏସି ବସ୍ ସେମାନଙ୍କୁ ନିଜ ଗନ୍ତବ୍ୟ ସ୍ଥାନକୁ ସୁବିଧାରେ



ନେଇଯିବ ବୋଲି ଆଶା କରାଯାଉଛି। ସବୁଜ ଶକ୍ତି ବୃଦ୍ଧି ତଥା ଅଙ୍ଗାରକାମ୍ଳ ହ୍ରାସ ପାଇଁ ସରକାରଙ୍କ ଉଦ୍ୟମର ଏକ ଅଂଶ ଭାବରେ ଭୁବନେଶ୍ୱର, କଟକ ଏବଂ ପୁରୀରେ ଡବଲ ଡେକର ବସ୍ ଚଳିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପୂର୍ବରୁ ଘୋଷଣା କରିଥିଲେ। ଏହା ଦ୍ୱାରା ସହରଗୁଡିକରେ ଟ୍ରାଫିକ୍ ଚାପକୁ ହ୍ରାସ କରାଯାଇ ପାରିବ। ଯଦି ଏହି ସହରଗୁଡିକରେ ଡବଲ୍-ଡେକର୍ ଯୋଗାଇବା ସଫଳ ହୁଏ, ତେବେ ଏହି ସୁବିଧା ଅନ୍ୟ ସହରାଞ୍ଚଳକୁ ବିସ୍ତାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, ପୁରୀ ଏବଂ କଟକ ଜିଲା ପାଇଁ ପାଞ୍ଚଟି ଡବଲ୍ ଡେକର ଏସି ଇଲେକ୍ଟ୍ରିକ୍ ବସ୍ କ୍ରୟ କରାଯିବ।

# ଫୁଡ୍ ବ୍ଲଗରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ହଷ୍ଟେଲରୁ ମିଳିଲା ଫୁଡ ବ୍ଲଗରଙ୍କ ଝୁଲନ୍ତା ମୃତଦେହ। ଏପରି ଏକ ଚାଞ୍ଚଲ୍ୟକର ଘଟଣା ଆଜି ରାଜଧାନୀ ଭୁବନେଶ୍ୱରର ପଟିଆ। ଅଞ୍ଚଳରେ ଦେଖିବାକୁ ମିଳିଛି। ମୃତା ଯୁବତୀଜଣକ ହେଲେ ସୋନାଲି ସଂଘମିତ୍ର ପରିଡ଼ା ଏବଂ ତାଙ୍କ ଘର କେନ୍ଦ୍ରାପଡ଼ାଜିଲ୍ଲା ପାଟକୁରା ଅଞ୍ଚଳର ବୋଲି ଜଣାପଡ଼ିଛି।

ଦୀର୍ଘ ପ୍ରାୟ ୩ ବର୍ଷ ହେବ ସୋନାଲି ଇନଫୋସିଟି ଥାନା ପଟିଆ। ଆଦର୍ଶ ବିହାର ଲେନ୍-୨ସ୍ଥିତ ଏକ ହଷ୍ଟେଲରେ ରହୁଥିଲେ। ଗତକାଲି ପରିବାର ଲୋକେ ତାଙ୍କୁ ବାରମ୍ବାର ଫୋନ୍ କରିଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ। ଏହାପରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଫୋନ୍ କରିବାରୁ ଝିଅ ଗୁରୁତର ଥିବା କହିଥିଲେ। ମାତ୍ର ପରିବାର ଲୋକେ ପହଞ୍ଚି ଝିଅର ମୃତଦେହ ହଷ୍ଟେଲର ଶୌଚାଳୟରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ତେବେ ସୋନାଲି ଜଣେ ଖୁସ୍ ମିଜାଜର ଝିଅ ହୋଇଥିବାରୁ ସେ ଆତ୍ମହତ୍ୟା କରିବା ସମ୍ଭବ ନୁହେଁ ବୋଲି ପରିବାର ଲୋକେ କହିଛନ୍ତି।

ଖବର ପାଇ ଇନଫୋସିଟି ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଥ୍ୟ, ପ୍ରମାଣ ସଂଗ୍ରହ କରୁଛନ୍ତି। ପରିବାର ଲୋକେ ଝିଅ ମୃତ୍ୟୁକୁ ସହଜେ ଗ୍ରହଣ କରି ପାରୁ ନ



ଥିବା ଓ ଏହାକୁ ଏକ ହତ୍ୟା ଷଡଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି।

ସୋନାଲି ଭୁବନେଶ୍ୱରର ଏକ ବିଲଡର ସଂସ୍ଥାରେ ପ୍ରାୟ ୨ ବର୍ଷ ହେବ କାମ କରୁଥିଲେ। ଏଥିସହ ସେ ଜଣେ ଫୁଡ ବ୍ଲଗର ଭାବେ ସୋସିଆଲ ମିଡିଆରେ ବେଶ୍ ଜଣାଶୁଣା ଥିଲେ। ସେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଥିବା ବେଳେ ନିୟମିତ ଭାବେ ଭିଡିଓ ପୋଷ୍ଟ କରୁଥିଲେ।

# ହାଇପ୍ରୋଫାଇଲ ଠକ ଦମ୍ପତି ଗିରଫ

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ପ୍ରକାର ଠକାମୀ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସବୁ ମଧ୍ୟରେ ଏକ ଦମ୍ପତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କ ଝିଅ-ଜ୍ୱାଇଁ କହି ଠକୁଥିବା ଘଟଣା ସାମ୍ନାକୁ ଆସିଛି। ଏନେଇ ଏକାଧିକ ଅଭିଯୋଗ ହେବା ପରେ ଦୁଇ ଅଭିଯୁକ୍ତ ହଂସିକା ଓ ଅନୀଲଙ୍କୁ ଗିରଫ କରି କୋର୍ଟ ସୋମବାର ଚାଲାଣ କରିଛି କମିସନରେଟ୍ ପୋଲିସ। ରାଜଧାନୀର ଛାତି ଉପରେ ଖେଳୁଥିଲେ ଚୁନା ଲଗାଇବାର ଖେଳ। ହଜାରେ କି ଲକ୍ଷେ ନୁହେଁ, କୋଟି କୋଟି ଟଙ୍କା ଚୁନା ଲଗାଉଥିଲେ ଅତି ଚତୁରତାର ସହୟ ନିଜକୁ ପତି-ପତ୍ନୀର ପରିଚୟ ଦେବା ସହ ଚଳାଇଥିଲେ ରାକେଟ୍। ବେଶଭୂଷା ଆଉ ହାବଭାବ ଦେଖିଲେ ମଧ୍ୟ କେହି ସନ୍ଦେହ କରୁନଥିଲେ। ଫସି ଯାଉଥିଲେ ମହାଠକେଇର ମାୟାଜାଲରେ। ଶେଷରେ ଉଭୟଙ୍କୁ ବାନ୍ଧିଛି ଇନଫୋସିଟି ପୁଲିସ। ବିଏନ୍ଏସ୍ ଧାରା ୩୧୮ (୪) ଅର୍ଥାତ ଠକେଇ, ୩୧୯(୨) ଜାଲ୍ ପରିଚୟ ଦେଇ ଠକିବା, ୩୧୯(୩) ଜଣଙ୍କ ଘରକୁ ବେଆଇନ ଭାବେ ପଶିବା ଆଦି ଏକାଧିକ ମାମଲାରେ ଛନ୍ଦି ଉଭୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ପୁଲିସର କହିବା କଥା, ହଂସିତା ହେଉଛନ୍ତି





କନ୍ଧମାଳ ଜିଲ୍ଲାର। ଆଉ ଅନୀଲ ମହାନ୍ତି ଭୁବନେଶ୍ୱରର। ଭୁବନେଶ୍ୱର ଆସିବା ପରଠୁ ଦୀର୍ଘଦିନ ହେଲା ଅନୀଲଙ୍କ ସହ କୁଆଡ଼େ ହଂସିତା ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ ରଘୁନାଥପୁରର ଏକ ହାଇପ୍ରୋଫାଇଲ୍ ଆପାର୍ଟମେଣ୍ଟରେ। ଉଦ୍‌ବେଗର ବିଷୟ ହେଉଛି, ପିଏମଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ବୋଲି ମିଛ ପରିଚୟ ଦେଇ ଚଳାଇଥିଲେ ମିଶନ ମହାଲୁଟ୍। ଏମାନେ କେଉଁଠି ମୁଖ୍ୟ ଶାସନ ସଚିବଙ୍କ ସହ ତ ଆଉ କେଉଁ ପୂର୍ବତନ ସିଏଜି ଗିରୀଷ ମୁର୍ମୁଙ୍କ ସହିତ ଫଟୋ ଏଡିଟ୍ କରି ରଖିଛନ୍ତି। ସେହି ସବୁ ଫଟୋକୁ ଅସ୍ତ୍ର କରି ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚା ମାଲ ଯୋଗାଣ ପାଇଁ ଖଣି ମାଲିକଙ୍କୁ ଟେଣ୍ଡର ଦେବା, ବିଲଡରଙ୍କୁ ଜମି, ପ୍ଲଟ ସହ ବିଲଡିଂ ଆପ୍ରୁଭାଲ୍ କରାଇବା ଆଦିର ଲୋଭ ଦେଖାଇ ବିଲଡର ଓ ଖଣି ବ୍ୟବସାୟୀଙ୍କୁ ମୋଟା ଅଙ୍କର ଚୁନା ଲଗାଉଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ସେମାନଙ୍କୁ ଧରିଛି। ସେମାନେ ମଧ୍ୟ ଦୋଷ ସ୍ୱୀକାର କରିଥିବା ପୁଲିସ୍ କହିଛି।

ଏହି ଦମ୍ପତି ବିଶିଷ୍ଟ ବିଲଡର୍, ଖଣି ଅପରେଟର, ବହୁରାଷ୍ଟ୍ରୀୟ କର୍ପୋରେସନ୍ ମାଲିକ ଏବଂ ବ୍ୟବସାୟୀଙ୍କୁ ଟାର୍ଗେଟ କରି ଏକ ଠକେଇ କରନ୍ତି। ଅଭିଯୁକ୍ତ ହଂସିକା ଅଭିଲିପ୍ସା ନିଜକୁ ପିକେ ମିଶ୍ରଙ୍କ ସହଯୋଗୀ ଭାବରେ ପରିଚିତ କରି ପୀଡିତାଙ୍କୁ ଠକିଥିବା ଅଭିଯୋଗ ହୋଇଥିଲା। ହଂସିକା ଏବଂ ତାଙ୍କ ସହଯୋଗୀ ଅନିଲ ମହାନ୍ତି ଇନଫୋସିଟି-ନନ୍ଦନକାନନ ରୋଡରେ ଏକ କାର୍ଯ୍ୟାଳୟ ଚଳାଉଥିଲେ। ଓଡିଶାର ଉଚ୍ଚ ପଦାଧିକାରୀଙ୍କ ସହ ତାଙ୍କର ଲିଙ୍କ୍ ଥିବା ଦାବି କରି ସେ ପୀଡିତଙ୍କ ପାଇଁ ଟେଣ୍ଡର ସୁରକ୍ଷିତ ରଖିବାକୁ ପ୍ରତିଶୃତି ଦେଇଥିଲେ।

ନିକଟରେ ଖଣି ମାଲିକ ପୋଲିସ ପାଖରେ ଅଭିଯୋଗ କରିବା ପରେ ହଂସିକା ଏବଂ ଅନିଲଙ୍କୁ ଗିରଫ କରାଯିବା ପରେ ସମଗ୍ର ମାମଲା ସାମ୍ନାକୁ ଆସିଛି। ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସହ ଦେଖାଯିବା ପାଇଁ ହଂସିକା ଫଟୋଗ୍ରାଫ୍ କରିଥିଲେ। ଏହି ଫଟୋଗୁଡିକ ବ୍ୟବହାର କରି ସେ ଧନୀ ବ୍ୟବସାୟୀମାନଙ୍କୁ ବିଶେଷ କରି ଖଣି ଏବଂ ନିର୍ମାଣ କ୍ଷେତ୍ରରୁ ନିଜ ଜାଲରେ ଫସିଥିଲେ। ଅନ୍ୟମାନେ ଏହି ଅପରାଧରେ ସମ୍ପୃକ୍ତ କି ନାହିଁ ତାହା ପୋଲିସ ତଦନ୍ତ କରୁଛି।

# ଚାଷୀଙ୍କ ପାଇଁ ଓକିଲ ହେବେ ସରକାର : ମନ୍ତ୍ରୀ

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ଚାଷୀଙ୍କ ପାଇଁ ଓକିଲ ହେବେ ରାଜ୍ୟ ସରକାର। ରାଜସ୍ୱ ମନ୍ତ୍ରୀ ବି କରିବେ ଓକିଲାତି। ଚାଷୀଙ୍କୁ ଠକି ପାରିବେନି ବୀମା କମ୍ପାନୀ। ଧାନ ଚାଷ ଆରମ୍ଭ ଠାରୁ ମଣ୍ଡି ଆଡ଼କୁ ମୁହାଁଇବା ପର୍ଯ୍ୟନ୍ତ ବୀମା ପରିସର ଭୁକ୍ତ ହେବା କଥା। ଅତୀତରେ ବୀମା କମ୍ପାନୀ ମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ବିଜେପି ସରକାର ସମୟରେ ବୀମା କମ୍ପାନୀ ମାନେ କ୍ଷତିପୂରଣ ନଦେଲେ କଡ଼ା ଆକ୍ସନ ହେବ ବୋଲି ଗ୍ରାଉଣ୍ଡ ଜିରୋରେ ସ୍ଥିତି ଦେଖିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି। କେବଳ ଧାନ ନୁହେଁ ପନିପରିବା, କପା ଓ ଚିନାବାଦାମ ମଧ୍ୟ କ୍ଷତି ହୋଇଛି। ୨ ଲକ୍ଷ ଚାଷୀ ବୀମା କମ୍ପାନୀ ନିକଟରେ ଅଭିଯୋଗ ଶୁଣାଇ ସାରିଲେଣି। ୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ବଢ଼ାଇବାକୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି ସମବାୟ ସଚିବ। ପନିପରିବା ଓ କପା ଚାଷୀ ବୀମା କରିନାହାନ୍ତି। ତେଣୁ ବୀମା କରିନଥିବା ଚାଷୀଙ୍କୁ ସହାୟତା ଦେବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଜି ଜିଲ୍ଲା ସ୍ତରର କ୍ଷୟକ୍ଷତି ରିପୋର୍ଟ ଆସିଯିବ। ଜିଲ୍ଲାପାଳ ମାନଙ୍କୁ କୁହାଯାଇଛି, କେହି ଚାଷୀ ଯେମିତି କ୍ଷତିପୂରଣ ପାଇବାରୁ ବାଦ ପଡ଼ିବେନି। ଅଦିନିଆ ବର୍ଷା କ୍ଷୟକ୍ଷତି ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରେ ନାହିଁ। ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ପରିଧି ଭିତରକୁ ଆଣିବା ପାଇଁ ଅଧ୍ୟୟନ ଆରମ୍ଭ କରିଛନ୍ତି ସରକାର। ବୀମା କରୁଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବୀମା କମ୍ପାନୀ ଗୁଡ଼ିକ ସହ ସରକାର ସମ୍ପର୍କରେ ଅଛନ୍ତି। ଯେଉଁମାନେ ବୀମା କରିନାହାନ୍ତି କିମ୍ବା ଭାଗ ଚାଷୀ। ସେମାନଙ୍କୁ ସିଧାସଳଖ ସହାୟତା ଦେବା ପାଇଁ ସରକାର ବିଚାର କରୁଛନ୍ତି। ସମସ୍ତଙ୍କୁ ସହଯୋଗ ରାଶି ଯୋଗାଇ ଦିଆଯିବ। ଓଦା ହୋଇଥିବା ଧାନକୁ ଚାଷୀ ଶୁଖାଇ ବିକ୍ରି କଲା ବେଳେ ଏଫଏକ୍ୟୁ ମାନକୁ କୋହଳ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କ କ୍ଷୟକ୍ଷତି ସମୀକ୍ଷା

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ନିମାପଡା, ଗୋପ ଗସ୍ତ କରି ଅଦିନିଆ। ବର୍ଷାଜନିତ କ୍ଷୟକ୍ଷତିର ଆକଳନ କରିଛନ୍ତି। ଗୋପ ବ୍ଲକ ଅଧିନସ୍ଥ ଅଣ୍ଡିରା ଇଚ୍ଛାପୁର ପଞ୍ଚାୟତର ବେଣିପୁର, ମାଧଗାଡ଼ିଆ, ଇଚ୍ଛାପୁର, ଆଳିଚର, ବଡ଼ମଠ, ଅଣ୍ଡିରା ଗ୍ରାମ, ରାହାଙ୍ଗୋରଡା ଏବଂ ଡଭାର ପଞ୍ଚାୟତ,ଏବଂ ନିମାପଡ଼ା ବ୍ଲକର ତେରୁଣ୍ଡିଆ, ଡେଣୁଅ, ଚଅାଁରପଦା, ରଟିଲୋ, ଅଲଣ୍ଡା ଏବଂ ସାଇଁସ ସାସନ ପଞ୍ଚାୟତର ବିଭିନ୍ନ କ୍ଷେତ୍ରପରିଦର୍ଶନ କରିଥିଲେ ଉପମୁଖ୍ୟମନ୍ତ୍ରୀ। ସ୍ଥାନୀୟ ତହସିଲଦାର, କୃଷି ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ କ୍ଷୟକ୍ଷତିର ସଠିକ୍ ଆକଳନ କରିବା ସହ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ଯେଉଁ ଚାଷୀଙ୍କର ଫସଲ ନଷ୍ଟ ହୋଇଛି ସମସ୍ତଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ପଞ୍ଜିକରଣ କରିଥିବା ସମସ୍ତ ଚାଷୀ ମାନେ ଯେମିତି ବୀମା ରାଶି ପାଇବେ ସେଥି ପାଇଁ ପ୍ରାଧାନ୍ୟ ଦେଇଥିଲେ। ଚାଷୀଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କର ପ୍ରାଥମିକତା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା।

# ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବୀମାକମ୍ପାନୀଙ୍କୁ ନିର୍ଦ୍ଦେଶ




**ଭୁବନେଶ୍ୱର,୩୦।୧୨ (ମହାଭାରତ):** ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ସମ୍ପର୍କିତ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ ପାଇଁ ଆଜି ବୀମା କମ୍ପାନୀମାନଙ୍କ ସହ ଏକ ଜରୁରୀକାଳୀନ ବୈଠକ କୃଷି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧରୀ ବୀମା କମ୍ପାନୀ ମାନଙ୍କ ସହଯୋଗ କାମନା କରିଛନ୍ତି।

ଯୋଗ୍ୟ ଚାଷୀମାନଙ୍କ ହିତରେ ସମସ୍ତ ପ୍ରକ୍ରିୟାକୁ ଅତିଶୀଘ୍ର ସାରିବା ପାଇଁ କମ୍ପାନୀଗୁଡିକୁ କହିବା ସହ କୌଣସି ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ଡ଼ ପାଢ଼ୀ ସ୍ପଷ୍ଟ କରିଛନ୍ତି। ଏଥିସହିତ, ଅଦିନିଆ ବର୍ଷାଯୋଗୁଁ କଟା ହୋଇ ଜମିରେ ଥିବା ଧାନ ଫସଲର କ୍ଷତି ହୋଇଥିଲେ, କ୍ଷତିପୂରଣ ବାବଦରେ ସୂଚନା ଦେବା ନିମନ୍ତେ କୃଷି ରକ୍ଷକ ହେଲ୍ପଲାଇନ ନମ୍ବର ୧୪୪୪୭ କିମ୍ବା କୃଷି ରକ୍ଷକ ଆପ୍ କିମ୍ବା କ୍ରପ ଇନସୁରାନ୍ସ ଆପ୍ ଅଥବା ହ୍ୱାଟସଆପ ନମ୍ବର୍ ୭୦୬୫୫୧୪୪୪୭ ରେ ତୁରନ୍ତ ଯୋଗାଯୋଗ କରିବା ପାଇଁ ଚାଷୀଙ୍କୁ ଅନୁରୋଧ କରିଛନ୍ତି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ସୂଚନା ଦେବାର ଅବଧିକୁ ୧ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ କେନ୍ଦ୍ର ସରକାର ବଢ଼ାଇଛନ୍ତି।

# କାନାଡାରେ ପ୍ରବାସୀ ଭାରତୀୟ ଦିବସ ପ୍ରଚାର

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ଆସନ୍ତା ଜାନୁଆରି ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ (ପିବିଡି) ୨୦୨୫ ପୂର୍ବରୁ କାନାଡାର ଭାନକୁଭରସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଓଡ଼ିଶା ରାଜ୍ୟ କେନ୍ଦ୍ରୀୟ ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଅର୍ଥନୈତିକ ସାମର୍ଥ୍ୟ ଏବଂ ପୁଞ୍ଜିନିବେଶ ସୁଯୋଗକୁ ପ୍ରଦର୍ଶିତ କରିବା ସହ କାନାଡାର ବ୍ୟବସାୟୀ ଏବଂ ଭାରତୀୟ ପ୍ରବାସୀଙ୍କ ପାଇଁ ରାଜ୍ୟକୁ ଏକ ଜୀବନ୍ତ ପରିଚୟ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଭାରତର କନସୁଲ ଜେନେରାଲ ମାସାକୁଇ ରୁଙ୍ଗସାଙ୍ଗ ଓଡ଼ିଶାର ଅର୍ଥନୈତିକ ସମ୍ଭାବନା ଉପରେ ଏକ ଆକର୍ଷଣୀୟ ଉପସ୍ଥାପନା କରି ବାଣିଜ୍ୟ, ପର୍ଯ୍ୟଟନ ଏବଂ ପୁଞ୍ଜିନିବେଶର କେନ୍ଦ୍ର ଭାବରେ ରାଜ୍ୟର ବଢୁଥିବା ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରବାସୀ ଭାରତୀୟ ଦିବସ ୨୦୨୫ ରେ ଓଡ଼ିଶାର ଅର୍ପଣ ଦେଖିବା ପାଇଁ ସେ ଉପସ୍ଥିତ ଲୋକଙ୍କୁ ହାର୍ଦ୍ଦିକ ନିମନ୍ତ୍ରଣ କରିବା ସହ ଉତ୍ସାହିତ କରିଥିଲେ।

# ଫିଟ୍ ଇଣ୍ଡିଆ ସାଇକେଲ୍ ଶୋଭାଯାତ୍ରା




**ଭୁବନେଶ୍ୱର,୩୦।୧୨ (ମହାଭାରତ):** ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଜାତୀୟ ଉତ୍କର୍ଷ କେନ୍ଦ୍ର ଜଗତପୁର ଏବଂ କଟକ ଆଠଗଡ଼ର ଏକଲବ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଆଠଗଡ଼ ଏକଲବ୍ୟ ଏକାଡେମୀ ଠାରୁ ଆରମ୍ଭ ହୋଇ ଗୋପାଳପୁର ଗ୍ରାମ ଓ ଜାଗିପଡ଼ା ପିଏଚସି ଦେଇ ପୁଣି ପ୍ରାରମ୍ଭ ସ୍ଥାନରେ ଶେଷ ହୋଇଥିଲା। ଏଥିରେ ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଅଂଶଗ୍ରହଣ କରିଥିଲେ।

ଏକଲବ୍ୟ ଏକାଡେମୀର ଅଧ୍ୟକ୍ଷ ରସାନନ୍ଦ ରାଉତ, କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ସେଠୀ, କ୍ରୀଡ଼ାବିତ ଦିନେଶ କୁମାର ସାହୁ, ସ୍ୱେଚ୍ଛାସେବୀ ରାକେଶ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଫିଟ୍ ଇଣ୍ଡିଆ ରବିବାର ସାଇକେଲ୍ ଶୋଭାଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। 'ଫିଟ୍ ଇଣ୍ଡିଆ ଅଭିଯାନ' ବ୍ୟାନରରେ ଡିସେମ୍ବର ୧୭ ତାରିଖରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟଙ୍କ ଦ୍ୱାରା 'ଫିଟ୍ ଇଣ୍ଡିଆ ସାଇକେଲ ରବିବାର' ପ୍ରୟାସ ଆରମ୍ଭ ହୋଇଥିଲା।

# ୨୦୨୫ରେ ୩ଟି କିସ୍ତିରେ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୩୦।୧୨ (ମହାଭାରତ):** ୨୦୨୫ ମସିହା ହେଉଛି 'ସୁଭଦ୍ରା' ଯୋଜନାର ବର୍ଷ। ଏହି ବର୍ଷ ସୁଭଦ୍ରା ଯୋଜନାରେ ମାଲେମାଲ ହେବେ ମହିଳା। କାରଣ ଆସନ୍ତା ବର୍ଷ ମହିଳା ହିତାଧିକାରୀମାନେ ୩ ଥର ପାଇବେ ସୁଭଦ୍ରା ଟଙ୍କା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ଆସନ୍ତା ବର୍ଷ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ। ଏଥିସହ ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ବି ସୁଭଦ୍ରା ଟଙ୍କା ମିଳିବ। ତେଣୁ ଆସନ୍ତା ବର୍ଷ ମହିଳାଙ୍କ ନିମନ୍ତେ ବଡ଼ ଖୁସି ଖବର ଆସିବାକୁ ଯାଉଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

୫ ଲକ୍ଷ ୧୧ ହଜାର ମହିଳାଙ୍କ କଣଉରେ ତ୍ରୁଟି ଥିବାରୁ ତାହାକୁ ସୁଧାରିବାକୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସୁଯୋଗ ଦେଖାଦେଇଥିଲା। ଆଜି ଫିଲ୍ଡ ରିପୋର୍ଟ ଆସିବ। ଜାନୁଆରୀ ପ୍ରଥମ ସପ୍ତାହରେ ପୁରା ସର୍ଭେ ସରିବ। ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ।

ଏଥିସହ ଆସନ୍ତା ବର୍ଷ ପାଇଁ ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ଦୁଇ ଥର ମିଳିବ ସୁଭଦ୍ରା ଟଙ୍କା। ତେଣୁ ଆସନ୍ତା ବର୍ଷ ମହିଳାମାନେ ସମୁଦାୟ ୩ ଥର ସୁଭଦ୍ରା ଟଙ୍କା ପାଇବେ।

ହିତାଧୀକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳି ସାରିଛି। ଡିସେମ୍ବର ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଯାଞ୍ଚ ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଡିସେମ୍ବରରେ ମିଳିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିବା ବେଳେ ଏହା ୨୦୨୫ ମସିହାରେ ମିଳିବ ବୋଲି ଜଣାଯାଇଛି।

# କିଶୋର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୩୦।୧୨ (ମହାଭାରତ):** କିଶୋର ଦା' ବହୁତ ଭଲ ମଣିଷ ଥିଲେ। ହସି ହସି ସମସ୍ତଙ୍କ ସହ କଥା ହେଉଥିଲେ। ତାଙ୍କର ରାଗ ସ୍ୱଭାବ ନଥିଲା। ରାଜନୀତିରେ ଆସିବା ପୂର୍ବରୁ ମଧ୍ୟ ଲୋକଙ୍କ ସେବା କରିବା ପାଇଁ ସେ ଆଗଭର ରହୁଥିଲେ। ଏହି ଅନନ୍ୟ ସ୍ୱଭାବ ପାଇଁ କିଶୋର ଦା' ଓଡ଼ିଶା ବିଶେଷ ଭାବରେ ଝାରସୁଗୁଡାର ଜନସାଧାରଣଙ୍କ ହୃଦୟରେ ଚିର ଅମର ହୋଇ ରହିବେ ବୋଲି ସୋମବାର ଝାରସୁଗୁଡ଼ା ଠାରେ ଓଡ଼ିଶାର ପୂର୍ବତନ ବାଚସ୍ପତି, ରାଜ୍ୟସଭା ସାଂସଦ, ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସ୍ୱର୍ଗତ ମହାନ୍ତିଙ୍କ ଫଟୋମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ କିଶୋର ଦା' ଓ ମୁଁ ଉଭୟ ପ୍ରତ୍ୟକ୍ଷ ରାଜନୀତିରେ ଆସିବା ପୂର୍ବରୁ ଏବଂ ଆସିବା ପରେ ଅନେକ ଥର ସମୟ ବିତାଇଛୁ। ସେ ବହୁତ ସାଧାରଣ ମଣିଷ ଥିଲେ। ମୋତେ ବହୁତ ସ୍ନେହ ଆଦର କରୁଥିଲେ। ଆମ ଭିତରେ ରାଜନୈତିକ ବାଦ ବିବାଦ କେବେ ବି ନଥିଲା। ୨୦୦୦ ମସିହାରେ କିଶୋର ଭାଇ ଓ ମୁଁ ଏକାସାଙ୍ଗରେ ବିଧାନସଭାକୁ ନିର୍ବାଚିତ ହୋଇଥିଲୁ। ୨୦୦୪ରେ ଦେବଗଡ଼ ଲୋକସଭା କ୍ଷେତ୍ରର ମୁଁ ସାଂସଦ ଥିବା ବେଳେ ସେ ଝାରସୁଗୁଡ଼ାର ବିଧାୟକ ଥିଲେ। ପ୍ରତିକୂଳ ପରିସ୍ଥିତିରେ ଆମେ ଉଭୟ ନିର୍ବାଚନ ଲଢିଛୁ। ତାଙ୍କର ନୀତି ଆଦର୍ଶ ଆମ ପରି ଜନପ୍ରତିନିଧିଙ୍କ ପାଇଁ ପ୍ରେରଣାର ଉତ୍ସ। ଗରିବ ଓ ଅସହାୟ ଲୋକଙ୍କୁ ସାମାଜିକ ଜୀବନରେ ଭେଟିବାର ପ୍ରେରଣା ମୁଁ କିଶୋର ଦା'ଙ୍କ ଠାରୁ ପାଇଛି।

## ଏକକ ନିର୍ବାଚନ

ସାରା ଦେଶରେ ଏକ ସମୟରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଅନେକ ଦିନ ହେବ ଏଥିଲାଗି କେନ୍ଦ୍ର ସରକାର ଚିନ୍ତା କରୁଥିଲେ। ଏ ସମ୍ପର୍କରେ ସମୀକ୍ଷା କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପୂର୍ବରୁ ରାଷ୍ଟ୍ରପତିଙ୍କୁ ତାଙ୍କ ସୁପାରିସ ପୁସ୍ତିକା ହସ୍ତାନ୍ତର କରି ଆସାରିଛନ୍ତି। କେନ୍ଦ୍ର କ୍ୟାବିନେଟ ମଧ୍ୟ ଏହାକୁ ଅନୁମୋଦନ କରିଛନ୍ତି। ଏବେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଚାର ବିମର୍ଶ ଏବଂ ଉଦ୍ୟମ ଆରମ୍ଭ କରିଛନ୍ତି। ରାମନାଥ କୋବିନ୍ଦ କମିଟି ସୁପାରିସ ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକକାଳିନ ହେବ। ଏବେ ଲୋକସଭା ନିର୍ବାଚନ ସହିତ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଏକକାଳିନ ହେଉଛି। ସେହିପରି ଲୋକସଭା ଏବଂ ବିଧାନସଭା ନିର୍ବାଚନର ୩ ମାସ ଭିତରେ ସାରା ଦେଶରେ ସ୍ଥାନୀୟ ପୌର ସଂସ୍ଥା ଏବଂ ପଞ୍ଚାୟତ ନିର୍ବାଚନ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏ ସମସ୍ତ ନିର୍ବାଚନ ହେବ। ଏହାର ଉଦ୍ଦେଶ୍ୟ ହେଲା ନିର୍ବାଚନ ବାବଦରେ ହେଉଥିବା ଖର୍ଚ୍ଚ କମାଇବା ଏବଂ ବାରମ୍ବାର ନିର୍ବାଚନ ଆଚରଣବିଧି ଲାଗୁ ହେବା ଦ୍ୱାରା ବିକାଶ ମୂଳକ କାର୍ଯ୍ୟରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହାକୁ ଦୂର କରିବା। ଏହା ଏକ ଉତ୍ତମ ଚିନ୍ତାଧାରା। ୨୦୦୪ରେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକ ଏହି ଚିନ୍ତାଧାରା ନେଇ ବିଧାନସଭାକୁ ଆଗୁଆ ଭାଙ୍ଗି ଲୋକସଭା ନିର୍ବାଚନ ସହିତ ଏକାଠି କଲେ। ଆଜି ପର୍ଯ୍ୟନ୍ତ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି କେତେକ ରାଜ୍ୟରେ ଲୋକସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି ହେଉଛି। ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ନିର୍ବାଚନ ସହିତ ଏକତ୍ରିତ କରିବାକୁ ଯେଉଁ ଯୋଜନା କରାଯାଉଛି ତାହା କିଛି ଖରାପ ଚିନ୍ତାରା ନୁହେଁ। ଏମିତି ଲୋକସଭା ନିର୍ବାଚନର ୭/୮ ମାସ ପୂର୍ବରୁ କେତେକ ରାଜ୍ୟର ନିର୍ବାଚନ ହେଉଛି। ଲେଶକସଭା ନିର୍ବାଚନ ପରେ ପରେ ହରିୟାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଏହାର ୨ ମାସ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେଉଛି। ଏସବୁ ରାଜ୍ୟ ବିଧାନସଭା ନିର୍ବାଚନ ଲୋକସଭା ସହିତ ଏକାଠି କଲେ ଭଲ ହେବ। ତେଣୁ ସାରା ଦେଶରେ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ପରିବର୍ତ୍ତେ ପ୍ରଥମେ ୧୦/୧୨ଟି ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି କରାଯାଇପାରେ। ପର୍ଯ୍ୟାୟକ୍ରମେ ସାରା ଦେଶରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। କିନ୍ତୁ ଏଥିପାଇଁ ସହମତିର ଆବଶ୍ୟକତା ରହିଛି। କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ଏହାକୁ ସମର୍ଥନ କରୁ ନାହାଁନ୍ତି। ଲୋକସଭାରେ ଏହି ବିଲ ଉପରେ ଆଲୋଚନା ବେଳେ ବିରୋଧୀ ସାଂସଦମାନେ ଏହାକୁ ଅସାମ୍ବିଧାନକ ଏବଂ ଭାରତର ସଂଘୀୟ ବ୍ୟବସ୍ଥା ବିରୋଧୀ ବୋଲି କହି ଏହାକୁ ବିରୋଧ କରିଛନ୍। ସବୁ ରାଜନୈତିକ ଦଳର ସମର୍ଥନ ଏବଂ ସହଯୋଗ ବିନା ଏହା ସମ୍ଭବ ହୋଇପାରିବ ନାହିଁ। କାରଣ ଏଥିପାଇଁ ସଂସଦରେ ସମ୍ବିଧାନ ସଂଶୋଧନ ବିଲ ଗୃହୀତ ହେବା ଆବଶ୍ୟକ। ଲୋକସଭାରେ ଶାସକ ମେଣ୍ଟ ସଂଖ୍ୟାଗରିଷ୍ଠ ହୋଇଥିଲେ ମଧ୍ୟ ରାଜ୍ୟସଭାରେ ଏହା ନିକଟରେ ସଂଖ୍ୟା ନାହିଁ। ଦ୍ୱିତୀୟରେ କେବଳ ସାଧାରଣ ସଂଖ୍ୟାଗରିଷ୍ଠତା ନୁହେଁ, ସମ୍ବିଧାନ ସଂଶୋଧନ ବିଲ ଗୃହୀତ କରାଇବାକୁ ହେଲେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନର ଆବଶ୍ୟକତା ରହିଛି। ଶାସକ ମେଣ୍ଟର ସଂସଦର କୌଣସି ଗୃହରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନାହିଁ।

## ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା

" *ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ ଅନୁଷ୍ଠାନ 'ୟଙ୍ଗ୍ ଉତ୍କଳ ଏସୋସିଏସନ୍'ର ପାରଳା ଶାଖା ଗଠନ, ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ ତଥା ୧୯୧୪ ମେ ମାସ ୨୫ ତାରିଖ ଠାରୁ 'ଉତ୍କଳ ହିତୈଷିଣୀ'ର ସଂପାଦକ ଆଦି କାର୍ଯ୍ୟରେ ସଂପୃକ୍ତ ହେଲେ। 'ଉତ୍କଳ ହିତୈଷିଣୀ ସମାଜ' ଓଡ଼ିଆ ଭାଷା, ସଂସ୍କୃତି ତଥା ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଗଂଜାମର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଥିଲା।*

**॥ ଡକ୍ଟର ବାୟାମନୁ ଚର୍ଚ୍ଚି ॥**

ଇଂରେଜ ଶାସନ କାଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଏକ ଶାସନାଧୀନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ, ରୟତ ଆନ୍ଦୋଳନ, ନାଟ୍ୟ ଆନ୍ଦୋଳନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ, ପ୍ରଚାର ଓ ପ୍ରସାର ତଥା ଗରିବ ମେଧାବୀ ଛାତ୍ରମାନଙ୍କ ଅଧ୍ୟୟନରେ ସହାୟତା ଆଦି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାରଳାଖେମୁଣ୍ଡି ପରିଚ୍ଛାମଠର ମଠାଧୀଶ ଆପନ୍ନା ପରିଚ୍ଛା। ଜନ୍ମ ତା.୧୬.୨.୧୮୭୯। ପିତା ଲକ୍ଷ୍ମୀ ନାରାୟଣ ପରିଚ୍ଛା ଏବଂ ମାତା ରତ୍ନମଣି ଦେବୀ। ସେ ଆବାଲ୍ୟରୁ ଶାନ୍ତ, ସୌମ୍ୟ ଓ ନମ୍ର। ଆପନ୍ନାଙ୍କ ପୂର୍ବପୁରୁଷ ଥିଲା କାଳିଆ ପଣ୍ଡା। ଆପନ୍ନା ମାଧ୍ୱ ଗୌଡୀୟ ବୈଷ୍ଣବ ଦୀକ୍ଷା ଗ୍ରହଣ କରି ଶୁଦ୍ଧପୂତ ଜୀବନଯାପନ କରୁଥିଲେ। ବୈଷ୍ଣବ ସାହିତ୍ୟ ଅଧ୍ୟୟନ, ଭଜନ, କୀର୍ତ୍ତନରେ ସେ ଅପାର ଆନନ୍ଦ ପାଉଥିଲେ। ସେ ଥିଲେ ଜଣେ ସାଧୁ, ସଂଭ୍ରାନ୍ତ, ଶିକ୍ଷିତ ଓ ମାର୍ଜିତ ସ୍ୱଭାବ ସଂପନ୍ନ ବ୍ୟକ୍ତି। ବ୍ରିଟିଶ ଶାସନ କାଳରେ ସେ ଅବୈତନିକ ବେଞ୍ଚ ମାଜିଷ୍ଟ୍ରେଟ୍ ଭାବେ ୫ ବର୍ଷରୁ ଅଧିକ କାଳ ପାଇଁ ନିଯୁକ୍ତି ପାଇଥିଲେ।

ଇଂରେଜ ଶାସନକାଳରେ ଅଣଓଡ଼ିଆଙ୍କ ବିଶେଷ ପ୍ରାଦୁର୍ଭାବ ହେତୁ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଓଡ଼ିଆମାନେ ନାନା ନିର୍ଯାତନା ଭୋଗୁଥିଲେ। ଭାଷା ଓ ସଂସ୍କୃତି ବିପନ୍ନ ହୋଇପଡ଼ିଥିଲା। ଅଣଓଡ଼ିଆମାନେ ବିଭିନ୍ନ ସରକାରୀ ପଦପଦବୀରେ ଥିଲେ। ଗଂଜାମ ଥିଲା ମାଡ୍ରାସ୍ ପ୍ରେସିଡେନ୍ସିରେ। ଖଲ୍ଲିକୋଟ ରାଜାଙ୍କ ରମ୍ଭା ରାଜପ୍ରାସାଦରେ ରାଜା ହରିହର ମର୍ଦ୍ଦରାଜଙ୍କର ପୁତ୍ର ରାମଚନ୍ଦ୍ରଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚି ରହିବ, ସେ ସଂପର୍କରେ ଆଲୋଚନା। ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ ଦାସ। ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମନେଲା ଉତ୍କଳ ସମ୍ମିଳନୀ।

ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ପୁରୀଠାରେ ୧୯୧୩ ମସିହା ଡିସେମ୍ବର ୩୦ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଆ ଜାତିପ୍ରାଣ ଆପନ୍ନା ପରିଚ୍ଛା ଏବଂ ପାରଳାର ଅନ୍ୟତମ ପ୍ରତିନିଧି ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଯୋଗଦାନ କରିଥିଲେ। ଉଭୟେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ କରିବା ପାଇଁ ଆଲୋଚନା କରି ଅଧିବେଶନରେ ଗୋରାଚାନ୍ଦ ବିଧିବଦ୍ଧ ପ୍ରସ୍ତାବ ଦେଲେ। ସମର୍ଥନ କଲେ ଆପନ୍ନା। ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେଲା। ଆପନ୍ନା ପରିଚ୍ଛା ପୁରୀରୁ ଫେରିଲା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ତା. ୭.୪.୧୯୧୪ରେ ସାକ୍ଷାତ୍ କରି ଏହା ଜଣାଇଲେ। ମହାରାଜା ପ୍ରସନ୍ନ ହେଲେ। ପ୍ରକାଶଯୋଗ୍ୟ ଯେ, ୧୯୧୩ ଏପ୍ରିଲ ୨୬ ତାରିଖ ଦିନ ମହାରାଜା କୃଷ୍ଣଚନ୍ଦ୍ର ଗାଦିପ୍ରାପ୍ତ ହୋଇଥିଲେ। ଡିସେମ୍ବର ୨୫ ଓ ୨୬ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ବଦଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଦେଲେ। ମହାରାଜାଙ୍କ ଅତିଶୟ ଆଗ୍ରହ, ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ ମନୋଭାବ ତଥା ଦୃଢ଼ତା ଲକ୍ଷ୍ୟ କରି କୁଳବୃଦ୍ଧ ମଧୁସୂଦନ ଦାସ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କଲେ। ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ଏହି ଅଧିବେଶନରେ ସଫଳତା ପାଇଁ ଆପନ୍ନା ପରିଚ୍ଛା ପୂର୍ଣ୍ଣ ସମର୍ପିତ ଥିଲେ। ଆପନ୍ନା ପରିଚ୍ଛା ଗଂଜାମର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହ ସଂପର୍କ ସ୍ଥାପନ କରି ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ହେଲେ।

ଉତ୍କଳ ସମ୍ମିଳନୀର ଅଙ୍ଗୀଭୂତ ଅନୁଷ୍ଠାନ 'ୟଙ୍ଗ୍ ଉତ୍କଳ ଏସୋସିଏସନ୍'ର ପାରଳା ଶାଖା ଗଠନ, ଉତ୍କଳ ସମ୍ମିଳନୀର ସକ୍ରିୟ ସଦସ୍ୟ ତଥା ୧୯୧୪ ମେ ମାସ ୨୫ ତାରିଖ ଠାରୁ 'ଉତ୍କଳ ହିତୈଷିଣୀ'ର ସଂପାଦକ ଆଦି କାର୍ଯ୍ୟରେ ସଂପୃକ୍ତ ହେଲେ। 'ଉତ୍କଳ ହିତୈଷିଣୀ ସମାଜ' ଓଡ଼ିଆ ଭାଷା, ସଂସ୍କୃତି ତଥା ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଗଂଜାମର ସର୍ବଶ୍ରେଷ୍ଠ ଅନୁଷ୍ଠାନ ଥିଲା।

ପାରଳାଖେମୁଣ୍ଡି ଅଞ୍ଚଳରୁ ସେ ଥିଲେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଦସ୍ୟ। ସେ ୧୯୧୨ ଡିସେମ୍ବର ମାସ କଲିକତା କଂଗ୍ରେସର ମହାଧିବେଶନ, ୧୯୨୩ ଡିସେମ୍ବର କାକିନଡ଼ା କଂଗ୍ରେସ ଅଧିବେଶନରେ ବ୍ୟକ୍ତିଗତ ଖର୍ଚ୍ଚରେ ଯୋଗଦାନ କରିଥିଲେ। ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା। ଗୋପବନ୍ଧୁ ବହୁବାର ପରିଚ୍ଛାମଠକୁ ଆସିଥିଲେ।

ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ୧୯୨୭ ମସିହା ଡିସେମ୍ବର ୩ ତାରିଖ ଦିନ ଗାନ୍ଧିଜୀ ପାରଳାଖେମୁଣ୍ଡି ଆସିଥିଲେ। ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ସଭାରେ ୧୦ ସହସ୍ର ଲୋକ ଉପସ୍ଥିତ ଥିଲେ।

ପରିଚ୍ଛା ମଠକୁ ଓଡ଼ିଶାର ସ୍ୱନାମଧନ୍ୟ ଜନନେତା, ସଂଗ୍ରାମୀମାନେ ବହୁବାର ଆସୁଥିଲେ। କୁଳବୃଦ୍ଧ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳକଣ୍ଠ ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, ଅନନ୍ତ ମିଶ୍ର, ଜଗନ୍ନାଥ ମିଶ୍ର, ଶଶିଭୂଷଣ ରଥ, ଲିଙ୍ଗରାଜ ପାଣିଗ୍ରାହୀ, ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀବତ୍ସ ପଣ୍ଡା ଆଦି ସେମାନଙ୍କ ମଧ୍ୟରେ ଥିଲେ।

ଆପନ୍ନା ପରିଚ୍ଛା ଥିଲେ ଜଣେ ସାହିତ୍ୟ ସ୍ରଷ୍ଟା। ତାଙ୍କ ସୃଷ୍ଟି ମଧ୍ୟରେ ବିଜୟ ବସନ୍ତ ନାଟକ, ଗୋଷ୍ଠ ମିଳନ ନାଟକ, ନବଲୀଳା ବିଳାସ ନାଟକ ପ୍ରକାଶିତ। ଅପ୍ରକାଶିତ ଐତିହାସିକ ନାଟକ- ଚନ୍ଦ୍ରହାସ, ସନ୍ଧି ଉପସନ୍ଧି, ଚଞ୍ଚଳା କୁମାରୀ, କନୌଜ କୁମାରୀ, ହେମଚନ୍ଦ୍ର, ସ୍ୱର୍ଣ୍ଣଲତା ଏବଂ ପୌରାଣିକ ନାଟକ- ସୀତା ବନବାସ, ବିଲ୍ୱମଙ୍ଗଳ, ମାନଭଂଜନ, ହେମଲତା, ରାଧାକୃଷ୍ଣ ପ୍ରଣୟ ଓ ରଘୁନାଥୋପାଖ୍ୟାନ। ପରିଚ୍ଛା ପରିବାରର ନେତୃତ୍ୱ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଦକ୍ଷିଣ ପଶ୍ଚିମ ମୁଣ୍ଡରେ ପ୍ରତିଷ୍ଠିତ ହୋଇଥିଲା ଓଡ଼ିଶାର ପ୍ରଥମ ରଂଗମଞ୍ଚ। ଏହି ରଙ୍ଗମଞ୍ଚରେ ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ନାଟକ ମଞ୍ଚସ୍ଥ ହେଉଥିଲା। 'ବିପଟଲାଲ' କମ୍ପାନୀର ଅନେକ ନାଟକ ଏଠାରେ ଅଭିନୀତ ହୋଇଛି। ପରବର୍ତ୍ତୀ ସମୟରେ ଏହି ରଙ୍ଗମଞ୍ଚର ନାମ ପରିବର୍ତ୍ତନ ହୋଇ 'ପଦ୍ମନାଭ ରଙ୍ଗାଳୟ' ନାମରେ ନାମିତ ହୋଇଛି। ଆପନ୍ନାଙ୍କ ରଚିତ ନାଟକ ଏଠାରେ ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଏଠାରେ ପରିବେଷିତ ହେଉଥିବା ନାଟକ ଏତେ ଲୋକପ୍ରିୟ ଥିଲା ଯେ, ସ୍ୱୟଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମଧ୍ୟ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରୁଥିଲେ। ମଞ୍ଜୁଷା, ସୁରଙ୍ଗୀ, ବୁଢ଼ାରସିଂହ, ଖଲ୍ଲିକୋଟର ରାଜାମାନେ ତଥା ଜାତୀୟ କାର୍ଯ୍ୟରେ ଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ନାଟକକୁ ଉପଭୋଗ କରୁଥିଲେ। ଆପନ୍ନା ପରିଚ୍ଛାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ରଙ୍ଗମଞ୍ଚର ନାମ ଥିଲା 'ବୈଷ୍ଣବାନନ୍ଦ ଦାୟିନୀ ସଭା' ବା 'ବୈଷ୍ଣବାନନ୍ଦ ଦାୟିନୀ ସମାଜ' ବା 'ରସିକରାଜ ପ୍ରାସାଦୈକ ନାଟକ ସଂଘ'। ପ୍ରକାଶ କରିବା ପ୍ରାସଙ୍ଗିକ ହେବ ଯେ, ସମାଜ/ ସଭା ଏହି ସମୟରେ ନାଟ୍ୟସଂଘ ଭାବେ ଗ୍ରହଣୀୟ ଥିଲା।

ଆପନ୍ନା ପରିଚ୍ଛାଙ୍କ ଧର୍ମାଚାରଣ ପ୍ରତି ନିଷ୍ଠା ଓ ଅନୁରାଗ, ସଚ୍ଚୋଟତା, କର୍ମ ଦକ୍ଷତାକୁ ହୃଦୟଙ୍ଗମ କରି ବଡ଼ ରାଧାକାନ୍ତ ମଠର ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ୧୯୧୫ ଜାନୁଆରୀ ୮ ତାରିଖ ଦିନ ଟେକେଲୀ, ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ଥିବା ଆଠଗୋଟି ମଠ ସହ ମନ୍ଦିର, ଭୂସଂପତ୍ତି, ଜଳାଶ୍ରୟ, ଜଙ୍ଗଲ ଆଦିର ମାଲିକାନା ତାଙ୍କୁ ପ୍ରଦାନ କରିଥିଲେ। ଦକ୍ଷିଣ ଓଡ଼ିଶାର ମୁଖ୍ୟ ଶୈବପୀଠ ମୁଖଲିଙ୍ଗମ୍, ଟେକେଲୀ ମଠ, ତରଳା ଗଡ଼ ମଠ, ମହାଦେଇପୁର ମଠ (ଏସବୁ ମଠ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି) ଆଦିର ପରିଚାଳନା ପାଇଁ ମଧ୍ୟ ସେ କ୍ଷମତାପତ୍ର ପ୍ରଦାନ କରିଥିଲେ।

'ମଠସ୍ଥ ଛାତ୍ର ନିଳୟ' ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଅଞ୍ଚଳର ସମସ୍ତ ଅନୁଷ୍ଠାନରେ ଥିବା ଗରିବ ମେଧାବୀ ଛାତ୍ରମାନଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା କରିଥିଲେ। ସ୍କୁଲ ଫି ମଧ୍ୟ ଅନୁଦାନ କରୁଥିଲେ। ୧୯୧୬ ଜୁନ୍ ୧୬ ତାରିଖ ଦିନ ମୁକ୍ତାପୁର ଠାରେ ପ୍ରଥମ ପଲ୍ଲୀ ସମ୍ମିଳନୀ କରି ଶୈକ୍ଷିକ ସଂଗଠନ ପ୍ରତି ଧ୍ୟାନ ଦେଲେ ଆପନ୍ନା ପରିଚ୍ଛା ଏବଂ ନିଜ ଅଞ୍ଚଳରୁ ଛାତ୍ରମାନଙ୍କୁ ଶିକ୍ଷାଲାଭ ନିମନ୍ତେ ସତ୍ୟବାଦୀ ବନ ବିଦ୍ୟାଳୟକୁ ପ୍ରେରଣ କରୁଥିଲେ। ସତ୍ୟବାଦୀ ବନବିଦ୍ୟାଳୟ ପାଇଁ ପାଣ୍ଠି ମଧ୍ୟ ସେ ସଂଗ୍ରହ କରି ପ୍ରଦାନ କରିଛନ୍ତି। ସମଗ୍ର ଗଂଜାମ ଜିଲ୍ଲାରୁ ଅନେକ ଛାତ୍ର ପରିଚ୍ଛା ମଠରେ ରହି, ପାଠ ପଢ଼ି ମଣିଷ ହୋଇଥିଲେ। ଶିକ୍ଷାର ପ୍ରସାର ଓ ଓଡ଼ିଆମାନଙ୍କ ଜ୍ଞାନ ବିବର୍ଦ୍ଧନ ପାଇଁ 'ଉତ୍କଳ ଭାଷା ବିବର୍ଦ୍ଧିନୀ ସଭା'ର ମଧ୍ୟ ସେ ନେତୃତ୍ୱ ନେଇଥିଲେ।

ସେ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ପୌର ପରିଷଦର ଉନ୍ନତି କାମନା କରି ଦୀର୍ଘକାଳ ଯାଏଁ ସଦସ୍ୟ ଥିଲେ। ବୈଷ୍ଣବ ଧର୍ମୀ ହେଲେ ବି ଜୈନଧର୍ମ ପ୍ରତି ତାଙ୍କର ନିଷ୍ଠା ଓ ଆଗ୍ରହ ଥିଲା। ୧୯୦୭ ଡିସେମ୍ବର ୩୦ ତାରିଖରେ ପରେଶନାଥ ମନ୍ଦିରରେ ଅନୁଷ୍ଠିତ ଏକାଦଶ ଜୈନ ଶ୍ୱେତାମ୍ବର ସମ୍ମିଳନୀରେ ଯୋଗଦାନ କରିଥିଲେ। ଏହି ମହାତ୍ମା, ଅମୃତ ସନ୍ତାନ ୧୯୩୯ ଜୁଲାଇ ୨୪ ତାରିଖରେ ଇହଲୀଳା ସମ୍ବରଣ କଲେ।


**ନିଗମ ନଗର, ୫ମ ଲେନ୍ ସଂପ୍ରସାରଣ**
**ବ୍ରହ୍ମପୁର (ଗଂଜାମ) ପିନ୍-୭୬୦୦୧୦**
**୮୮୯୫୧୨୯୮୯୭ (ମୋ)**


## ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା

**॥ ଗୋପାଳ ମହାପାତ୍ର ॥**

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି। ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି। ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ। ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି। ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ। ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି। ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମଧ୍ୟରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି। ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ। ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମଧ୍ୟ ଏହି ରୋଗର ଅନ୍ୟତମ କାରଣ। ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ। ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମଧ୍ୟ ଠିକ୍ ସେୟା। ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ। ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ। ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ। ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ 'ଷ୍ଟ୍ରିଟ୍‌ଫୁଡ୍' ମଧ୍ୟ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି। ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମଧ୍ୟ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମଧ୍ୟ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି। ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି। ଭାରତର ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି। ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ। ଓଡ଼ିଶାରେ ମଧ୍ୟ ଏହି ରୋଗ ବ୍ୟାପିବାରେ ଲାଗିଛି। ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମଧ୍ୟରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା। ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ। ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ। ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ', ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମଧ୍ୟରେ ଜଣେ ଏଭଳି ରୋଗୀ ଅଛନ୍ତି। ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର। ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ। ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ। ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ। କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ। ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା। କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି। ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ। କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ। ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ। ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ। ଯୋଗ ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରିପାରେ। ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ।


ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪


## ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

**॥ ଡକ୍ଟର ରାଜକିଶୋର ମିଶ୍ର ॥**

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର। ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ। ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ। ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ। ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି। ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ। ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି। ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି। କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର। ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ୱା ଲମ୍ୱା ମାଟିର ପ୍ଲାଟଫର୍ମ ରହିଛି। ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ। ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ। ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ। ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି। କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ। କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ। ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ। ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ। ସୁଆରମାନେ ତାଙ୍କ ସେବାରେ ନିୟୋଜିତ। କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ। କୋଠଭୋଗ ପାଇଁ ଏକ 'ସରଘର' ରହିଛି। ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି। ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି। ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ। ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ। ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ- ୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି- ୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ- ୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି। ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି। ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ
ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର
ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଦ୍ରୁତଗତିରେ ଆଗେଇ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର କାମ

## ନୂତନ ବର୍ଷରେ ପୂର୍ଣ୍ଣ ହେବ ଲୋକଙ୍କ ସ୍ୱପ୍ନ

ଅସ୍ତରଙ୍ଗମହାଭାରତ : ସ୍ୱାସ୍ଥ୍ୟ ସେବାକୁ ନେଇ ଭିନ୍ନ ଭିନ୍ନ ସମୟରେ ଅନେକ ପ୍ରକାର ସମସ୍ୟା ସାମ୍ନା କୁ ଆସିଥାଏ, ଏହାକୁ ଦୃଷ୍ଟି ରେ ରଖି ନବୀନ ପଟ୍ଟନାୟକ ଙ୍କ ସରକାର ସମୟରେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧୀନରେ ସ୍ଥାନୀୟ ଲୋକ ମାନଙ୍କୁ ସୁବିଧା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ର ପ୍ରତିଷ୍ଠା କରାଯାଇଛି, ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ରେ ଦୀର୍ଘ ସମୟ ପୂର୍ବରୁ ଗୋଟେ ସ୍ୱାସ୍ଥ୍ୟକେନ୍ଦ୍ର ର ଆବଶ୍ୟକତା ରହିଥିଲା, କାରଣ ଏହି ଅଞ୍ଚଳ ରୁ ଅସ୍ତରଙ୍ଗ ମୁଖ୍ୟ ଚିକିତ୍ସାକେନ୍ଦ୍ର ୧୦ କିଲୋମିଟର ରୁ ଅଧିକ, ଏହି ଅଞ୍ଚଳ ବାସି କିଛି ଗୁରୁତ୍ୱର ହେଲେ ରାତିରେ ଅସ୍ତରଙ୍ଗ ଆସିବା ପାଇଁ ବହୁ କଷ୍ଟସାଧ ହୁଏ, ତେଣୁକରି ଅନେକ ଥର ଏହି ବାବଦରେ ଖବର ପ୍ରସାରଣ ହେଇଆସୁଥିଲା, ଆଜି ସେହି ସମସ୍ୟା ଉପରେ ପୂର୍ଣ୍ଣଛେଦ ପଡ଼ିବାକୁ ଯାଉଛି ।ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ଅନୁଦାନ ରେ ୨୦୨୩ ମସିହା ନଭେମ୍ବର ୩୦ ତାରିଖ ରେ ବନ୍ତିଲୋ ରେ ଭି□ପ୍ରସ୍ତର ସ୍ଥାପନ



ହୋଇଥିଲା, ସମୁଦାୟ ୮୯ ଲକ୍ଷ ଟଙ୍କା ର ବ୍ୟୟବରାଦ ରେ ୪ହଜାର ସ୍କ୍ୱାୟାର ଫୁଟ ର କାର୍ଯ୍ୟ, ଯେଉଁଥିରେ ରହିଛି ଭିତ୍ତ ଭିତ୍ତ ବହିବିଭାଗ ଡାକ୍ତର ଙ୍କ ପରାମର୍ଶ କେନ୍ଦ୍ର, ଅସ୍ତ୍ରୋପଚାର କକ୍ଷ, ରୋଗୀ ଙ୍କ ଅପେକ୍ଷା ସ୍ଥଳୀ, ନିରାମୟ କେନ୍ଦ୍ର, ରକ୍ତପରୀକ୍ଷା କେନ୍ଦ୍ର କୁ ନେଇ ୧୧ ଗୋଟି ଗୃହ, ଶୁଭ ଦିଆଯିବା ର ମାତ୍ର ୧ ବର୍ଷ ଭିତରେ ହସ୍ପିଟାଲ ର ୬୫ ପ୍ରତିଶତ କାର୍ଯ୍ୟ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି, ଉପଯୁକ୍ତ ପରିମାଣ ର ସାମଗ୍ରୀ ରେ ଉତ୍ତମ ମାନ ର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ନିୟୋଜିତ ବିଶ୍ୱକର୍ମା ମିସ୍ତ୍ରୀ ଆଶିଷ କୁମାର ବେହୁରା ମତାମତ ଦେଇଛନ୍ତି , ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟ ନୂତନ ବର୍ଷ ରେ ପୂର୍ଣ୍ଣାଙ୍ଗ ରୂପରେଖ ନେଇ ଲୋକ ମାନଙ୍କୁ ଉପହାର ଦିଆଯିବ ବୋଲି ଅଞ୍ଚଳ ବାସି ମାନଙ୍କ ଭିତରେ ଏକ ପ୍ରକାର ଖୁସି ର ପରିବେଶ ସୃଷ୍ଟି ହୋଇଛି ।

# ଆସିକା ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘର ବୈଠକ

ଆସିକା,(ମହାଭାରତ): ଆସିକା ବସଷ୍ଟାଣ୍ଡ ନିକଟ ବୁଢି ମା ଠାକୁରାଣୀ ମନ୍ଦିର ପରିସରରେ ଋଷିକୂଲ୍ୟା ବାହ୍ମଣ ମହାସଂଘର ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଗଙ୍ଗାଧର ଶତପଥୀଙ୍କ ଅଧକ୍ଷତା ବୈଠକର ପରିଚାଳନା ସତ୍ୟନାରାୟଣ ରଥ କରିଥିଲେ । ପାରମ୍ଭରେ ପଣ୍ଡିତ ଶ୍ରୀକାନ୍ତ ମିଶ୍ର ବେଦ ପାଠ କରିବା ସହ ଶିକ୍ଷାବିତ ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ବ୍ରାହ୍ମଣ ମହାସଂଘର ସଂଗଠନକୁ ସୁଦୃଢ଼ କରିବା, ବ୍ରାହ୍ମଣ ଘର ଗରିବ ଝିଅ ମାନଙ୍କୁ ବିବାହ କରିବା, ଗରିବ ବ୍ରାହ୍ମଣ ପୁଅ ମାନଙ୍କୁ ବ୍ରତ ଉପନୟନ କରିବା, ବ୍ରାହ୍ମଣ ପରିଷଦ ଗଠନ ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ବ୍ରାହ୍ମଣ ସମାଜ ସହ ଜନସାଧାରଣଙ୍କ ପାଇଁ ବହୁ ଉପାଦେୟ ପ୍ରସ୍ତାବ ଗୃହୀତ ହୋଇଥିଲା ଯ କର୍ମକାଣ୍ଡ ବି, ସୁପ୍ରକାର, ମନ୍ଦିର ପୂଜକ ମାନଙ୍କୁ ସରକାରୀ ପ୍ରୋତ୍ସାହନ ଓ ସ୍ଥାୟୀବ ପାଇଁ ସରକାରୀ ସହାୟତା ଯୋଗାଇଦେବା ପାଇଁ ବୈଠକରେ ଦାବୀ କରାଯାଇଥିଲା ।ଜିଲ୍ଲାରେ ତୃଣମୂଳ ସ୍ତରରେ ସଂଗଠନ ଋଷିକୂଲ୍ୟା ଓ ବଡନଦୀ ମିଶ୍ରଣ ସ୍ଥଳ, ବୁଡ ତୋଟା ଉଦ୍ୟାନ, ବ୍ରାହ୍ମଣୀ ମାନଙ୍କ ଏବଂ ଜନସାଧାରଣଙ୍କ ଆସିକା ଅଞ୍ଚଳରେ ଭୂ-ବନ୍ଦୋବସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ସଂଗଠନର ରୂପରେଖ ପ୍ରସ୍ତାବ ପାରିତ ହୋଇଥିଲା । ଉକ୍ତ ବୈଠକରେ ବନମାଳୀ ସାମନ୍ତରା, ନିରୋଜ ପାଢ଼ୀ, ପ୍ରଶାନ୍ତ ଭଞ୍ଜ, ସରୋଜ ଦାସ, ହୃଷିକେଶ ସାହୁ, ରବି ପାଣିଗ୍ରାହୀ, ଦିଲ୍ଲୀପ ପାଣିଗ୍ରାହୀ, ପ୍ରଦୀପ କୁମାର ଶତପଥୀ, ସୀତା ରାମ ଦାସ, ଗୋବିନ୍ଦ ଆଚାର୍ଯ୍ୟ, କିଶୋର ଚନ୍ଦ୍ର ପାତ୍ର, ଆଇନଜୀବୀ ବିନୋଦ ପାଣିଗ୍ରାହୀ, ପ୍ରତାପ ମିଶ୍ର, ଶକ୍ତି ପ୍ରସାଦ ଦାସ, ପ୍ରତାପ ମିଶ୍ର, ଉପେନ୍ଦ୍ର ନାଥ ମିଶ୍ର, ଗୌରୀଶଙ୍କର ମିଶ୍ର, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପ୍ରଦୀପ ପାଢ଼ୀ, ନିରଞ୍ଜନ ପଣ୍ଡା ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଧରାକୋଟ ବ୍ଲକ ସଭାପତି ଓ ଆସିକା ଏନ ଏ ସି ସଭାପତି ଭାବେ ହୃଷିକେଶ ସାହୁ ଓ ଶକ୍ତି ପ୍ରସାଦ କରଙ୍କୁ ସର୍ବ ସମତି କ୍ରମେ ମନୋନୀତ ହୋଇଥିଲେ । ସଭାଶେଷରେ ଶିକ୍ଷକ ପ୍ରଦୀପ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଂଘମ୍ ଟାଇକୋଣ୍ଡ ଏକାଡେମୀ ପକ୍ଷରୁ ବେଲଟ୍ ଡିଷ୍ଟ୍ରିବ୍ୟୁସନ୍ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ମହାଭାରତ): ସିଂଘମ ଟାଇକୋଣ୍ଡ ଏକାଡେମୀ ପକ୍ଷରୁ ଚନ୍ଦୋଳ ନିକଟସ୍ଥ ଏନଏମ ଆଇଟିଆଇ କେନ୍ଦ୍ରରେ ରବିବାର ଦିନ ଏକ ବେଲଟ ଡିଷ୍ଟ୍ରିବ୍ୟୁସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ବାଳକ ବାଳିକା ଅଂଶ ଗ୍ରହଣ କରିଥିଲେ ।ଶିଶୁ ମାନେ ଟାଇକୋଣ୍ଡ ଶିକ୍ଷା ଲାଭ କରି ନିଜର ଆତ୍ମ ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷା ଦେବାରେ ସଫଳ ହୋଇପାରିବେ ବୋଲି ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଚ୍ ମ୍ୟାନେଜର ସୁଶାନ୍ତ କୁମାର ସାହୁ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ଆହୁରି ଅଧିକ ଛାତ୍ରଛାତ୍ରୀ ମାନେ ଟାଇକୋଣ୍ଡ ଶିକ୍ଷା ଲାଭ କରିବା ସହ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନାମ କରିପାରିବେ ବୋଲି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି,କୋଚ୍ ଓ ଅଭିଭାବକ ମାନେ ଜିଲ୍ଲା ପ୍ରଶାସନକୁ ନିବେଦନ ରଖିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରୋଜ କାନ୍ତ ସାମଲ,ଅନ୍ୟତମ ଅତିଥି ବିପିନ ବିହାରୀ ମିଶ୍ର,ମଦନ ମୋହନ ସାହୁ, କରୁଣା ମୟ ବାରିକ,ଗାୟତ୍ରୀ ଦ୍ୱିବେଦୀ,କେନ୍ଦ୍ରାପଡ଼ା ଟାଇକୋଣ୍ଡ ସଂଗଠନର ପ୍ରେସିଡେ□ ନରେଶ କୁମାର ବାରିକ୍,ସମ୍ପାଦକ ବିବେକାନନ୍ଦ ସାମଲ,କୋଷାଧ୍ୟକ୍ଷ ଏସ.କେ ତଫିରୁଦ୍ଦିନ , କୋଚ୍ ମ୍ୟାନେଜର ସୁଶାନ୍ତ କୁମାର ସାହୁଙ୍କ ସମେତ ଅଭିଭାବକ ପ୍ରମୁଖ ଯୋଗ ଦେଇଥିଲେ।

# ସାମ୍ବାଦିକଙ୍କ ଜେଜେ ବିୟୋଗ ରେ ଶୋକ

ବେଗୁନିଆ, (ମହାଭାରତ): ବେଗୁନିଆ ବ୍ଲକ ସାମ୍ବାଦିକ ଶେଖ୍ ଅନୱାର୍ ଅଲ୍ଲୀ ଙ୍କ ଜେଜେ ବାପା ହାଜି ଶେଖ୍ ଅବଦୁଲ୍ ଜଲିଲ୍ (୧୦୨) ଙ୍କର ରାଉତପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ରବିବାର ଦିହିପହର ୩:୪୫ ମିନିଟ୍ ସମୟରେ ଇହଲୀଳା ସମ୍ବରଣ କରିଛନ୍ତି । ସ୍ୱର୍ଗତ ହାଜି ସମଗ୍ର ଅଞ୍ଚଳରେ ଜଣେ କର୍ମଠ, ନିଷ୍ଠାବାନ, ସମାଜସେବୀ,ପରୋପକାରୀ ଓ ଧର୍ମାଲମ୍ବି ବ୍ୟକ୍ତି ରୂପେ ବେଶ ସୁନାମ ଅର୍ଜନ କରିବା ସହିତ ଅବସର ପ୍ରାପ୍ତ ସେନା କର୍ମଚାରୀ ଥିଲେ ଯ ତାଙ୍କ ବିୟୋଗ ଖବର ପାଇ ୨୩ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ଅନାଦି ସାହୁ, ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ଜିତେନ୍ଦ୍ର ସାହୁ ଓ ଆତ୍ମୀୟ ସ୍ୱଜନଙ୍କ ସମେତ ଅ□ଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ଶିଷ୍ୟ ଓ ଶୁଭେଚ୍ଛୁମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ବୋହୂ, ଝିଅ ଜ୍ୱାଇଁ ଦୁଇ ପୁଅ ସହ ନାତି ନାତୁଣୀ ଉପସ୍ଥିତ ଥିଲେ। ରାଉତପଡ଼ା ଗ୍ରାମ ସ୍ଥିତ କବ୍ରସ୍ଥାନରେ ଦୁଇ ପୁଅ ଶେଖ୍ ହାଇଦର ଅଲ୍ଲୀ ଓ ଶେଖ୍ ଅସଗର୍ ଅଲ୍ଲୀ ଙ୍କ ଉପସ୍ଥିତରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, କଂଗ୍ରେସ ନେତା ପୃଥୀବଲ୍ଲଭ ପଟ୍ଟନାୟକ, ବିଜେପି ନେତା ଯତୀନ ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି ।

# ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି




ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧି ସଦଭାବନା ଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦ□ ପଣ୍ଡା, ଏସଡିପିଓ ସୁଦର୍ଶନ ଗଙ୍ଗୁଇ, ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଲ୍, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ , ଜିଲ୍ଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ ସହିତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଉକ୍ତ ଅଭିଯୋଗ ପ୍ରକୋଷ୍ଠ ରେ ମୋଟ ୫୬ ଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥି ମଧ୍ୟରେ ୪୨ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୧୨ଟି ଅଭିଯୋଗ ଗ୍ରାମ୍ୟ ସମସ୍ୟା ଓ ୨ଗୋଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ଥିଲା , ରେଡ଼କ୍ରସ ରୁ ଆପତ୍ତି ଅଭିଯୋଗ ହୋଇନଥିବା ବେଳେ ସେଥି ମଧ୍ୟରୁ ୪ଟିର ତୁରନ୍ତ ସମାଧାନ ହୋଇଥିଲା।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିନିକିଆ ଗଞ୍ଜାମ ଗ୍ରସ୍ତ



ଆସିକା (ମହାଭାରତ): ଆସିକା ନିର୍ବାଚନ ମଣ୍ଡଳୀ ରେ ଗତ ଲଘୁଚାପ ଜନିତ ବର୍ଷା ରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ନ ରେ ଭୁବନେଶ୍ୱର ନିଜ ବାସ ଭବନରୁ ବାହାରି ପ୍ରଥମେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ର ଶେରଗଡ଼, ତାଙ୍କରଡା, ଗୋବିନ୍ଦନପୁର,ବୁରୁପଡା,ପୋଡ଼ଙ୍ଗୀ ଦେଇ ଚାଷୀ ମାନଙ୍କ ଉଜୁଡି ଯାଇଥିବା ଧାନ ଫସଲ ଦେଖିବା ସହ ଆସିକା ଠାରେ ପହଞ୍ଚି ଥିଲେ। ଏଠାରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ସଂଗୀତା ସେନ, କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ ମହାପାତ୍ର, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ସମେତ ସମସ୍ତ ଅଧିକାରୀଙ୍କ ସହ ଚାଷୀମାନଙ୍କ କ୍ଷୟ କ୍ଷତି ଶୀଘ୍ର ଅକାଳନ ପାଇଁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେଙ୍କ ଚାଷୀର କ୍ଷୟକ୍ଷତି ବାବଦରେ ଆଲୋଚନା କରିବା ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ସମବେଦନା ଜଣାଇଥିଲେ। ଆସିକା କାର୍ଯ୍ୟକ୍ରମ ଶେଷ କରି କବିସୂର୍ଯ୍ୟନଗର ଅଭିମୁଖେ ଯାଇଥିଲେ । ଆଜିର ଏହି ଗ୍ରସ୍ତ ସମୟରେ ବିଜେଡି ର ପୁର୍ବତନ ବିଧାୟକ ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ପ୍ରଦୀପ ଅମାତ,ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚୌଉପଟନାୟକ, ଜିଲ୍ଲା ପରିଷଦ ଅଧକ୍ଷ ଅଞ୍ଜଳି ସ୍ୱାଇଁ,ପୁର୍ବତନ ସାଂସଦ ପ୍ରମିଳା ବିଷୋୟୀ,ପୁର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ,ଏନ ଏ ସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ଅଭିମନ୍ୟୁ ନାହାକ, ଯୁବ ନେତା ନଚିକେତା ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ,ବ୍ଲକ ସଭାପତି ରାଜେଶ ପଟନାୟକ,ଜିଲ୍ଲାପରିଷଦ ମନୋଜ କୁମାର ଦୋରା,ସରପ□ ଜୟସେନ ସ୍ୱାଇଁ,ମନୋଜ ପରିଡା,ଜୟନ୍ତୀ ବେହେରା,ସମିତି ସଭ୍ୟ ତ୍ରିନାଥ ବେହେରା,ନନ୍ଦ ବିଷୋୟୀ,ଚିନି ଶିଳ୍ପ ର ପରିଚାଳନା ସଭାପତି ରବୀନ୍ଦ୍ର ପଣ୍ଡା,କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁ ଧର ସାହୁ,ଓ ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ, ତାରିଣୀ ସେନାପତି, ମହିଳା ନଗର ସଭାପତି ରଶ୍ମିତା ସେନାପତି,ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଡେରଙ୍ଗ ତୈଳିକ ବୈଶ ସମାଜର ବାର୍ଷିକ ମହୋତ୍ସବ ପାଳିତ

ଅନୁଗୁଳ ଜିଲ୍ଲା (ମହାଭାରତ )କଣିହାଁ ବ୍ଲକ ଅନ୍ତଗତ ଡେରଙ୍ଗ ପଂଚାୟତ ରେ ଆଜି ତୈଳିକ ବୈଶ ସମାଜର ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି ।ସମାଜର ପରମ୍ପରାକୁ ବଜାୟ ରଖି ସମାଜର ମଙ୍ଗଳ କାର୍ଯ୍ୟକୁ ଆଧାର କରି କାର୍ଯ୍ୟକ୍ରମ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତୈଳିକ ବୈଶ ସମାଜର ସମସ୍ତ ପୁରୁଷ, ମହିଳା, ଓ ଛଟ ପିଲା ମାନେ ଏକାଠି ହୋଇଥିଲେ । ନାଚ, ଗୀତ, ସାଙ୍ଗକୁ, ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିତେନ୍ ସାହୁ, ବୁଲୁ ସାହୁ ପରିଚାଳନା କରିଥିଲେ ।ସଭାରେ ସପ୍ତ ରାଜ୍ୟର ଉପସଭାପତି ବିଚ୍ଛନ୍ଦଚରଣ ସାହୁ, ସଭାପତି ଶିବରାମ ସାହୁ, ସମ୍ପାଦକ ବିରଞ୍ଚି ସାହୁ, ଭୁଲୁ ସାହୁ, କିଶୋର ସାହୁ, ଯୋଗେଶ୍ୱର ସାହୁ, ଦୀପକ ସାହୁ, ସମେତ ଅନେକ ସଭ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସିଲା ହାଓ୍ୱା



ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଗୁରୁବେଡ଼ା ଛକ ନିକଟରେ ଦୁର୍ଘଟଣା ଏକ ହାଇଓ୍ୱା ଟ୍ରକ୍ ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସି ରେଳ ଧାରଣା ଉପରେ ପଡ଼ିବାରୁ ଚାଳକ ଗୁରୁତର ଆହତ ଡାକ୍ତର ଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଘଟଣାସ୍ଥଳରୁ ଜଣାପଡିଛି ଯେ,ସୋମ ବାର୍ ସକାଳ ପ୍ରାୟ ୯ ଘଟିକା ସମୟରେ ହାଇଓ୍ୱା ଟ୍ରକ୍ ନଂ ଓ ଡି ୦୯ ପି ୯୯୮୧ ଯୁରୁଡ଼ି ରୁ ବଂଶପାଣି ଅଭିମୁଖେ ଦୃତ ଗତି ରେ ଯାଉଥିବା ବେଳେ ଗୁରୁବେଡ଼ା ଛକ ନିକଟରେ ଅନ୍ୟ ଏକ ବସ କୁ ଓଭର ଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ବାମ ପାର୍ଶ୍ୱ ରେ ଥିବା ପ୍ରାୟ ୫୦ ଫୁଟ ତଳ ରେଳ ଧାରଣା ରେ ପଡ଼ିଥିଲା। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଟ୍ରକ୍ ଭିତରେ ଚାପି ହୋଇ ଫସି ରହିଥିଲେ। ସୂଚନା ପାଇ ବାମୋରୀ ପୋଲିସ୍ ଓ ରେଳ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା ।ଅଗ୍ନିଶମ ବାହିନୀକୁ ଅଧ ଘଣ୍ଟାର ପରିଶ୍ରମ ପରେ କଟରରେ କାଟି ଡ୍ରାଇଭରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା । ଆହତ ଡ୍ରାଇଭର ଝାଡ଼ଖଣ୍ଡ କୋଡରମା ଅଞ୍ଚଳର ସଞ୍ଜୟ ଯାଦବଙ୍କୁ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଯାଇଥିବା କୁହାଯାଉଛି । ତେବେ ରେଲୱେ ଟ୍ରାକ ଉପର ଦେଇ ଯାଇଥିବା ୨୫ ହଜାର ଭୋଲ୍ଟ ବିଦ୍ୟୁତ ତାରକୁ ଡେଇଁ ଟ୍ରକଟି ଖସିବା ଯୋଗୁଁ ଆହୁରି ବଡ଼ ଅଘଟଣ ହେବାରୁ ବର୍ତ୍ତିଯାଇଥିଲା ଯ। ଟ୍ରକଟି ରେଲୱେ ଟ୍ରାକରେ ପଡ଼ିଥିବା କାରଣରୁ ବାଂଶପାଣି - ଜରୋଳି ରୁଟରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି ।ରେଳ ବିଭାଗ ପ୍ରାୟ ଅପରାହ୍ନ ୧.୪୦ ମିନିଟ ସମୟରେ ରେଳ ଧାରଣା ରୁ ଟ୍ରକକୁ ହଟାଇ ରେଳ ଚଳାଚଳ କୁ ସ୍ୱାଭାବିକ କରିଥିଲା । ଘଟଣାସ୍ଥଳରେ ବାମେବାରୀ ଓ ଯୋଡ଼ା ଥାନା ପୋଲିସ, ରେଳ ବିଭାଗ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତ।

# ବ୍ରାହ୍ମଣ ସମାଜ ର ଅଷ୍ଟାବିଂଶତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ସମ୍ବଲପୁର(ରେଙ୍ଗାଲି)ମହାଭାରତ: ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଠେଲକୋଲୋଇ ଗ୍ରାମରେ ପଶାସନୀ ବ୍ରାହ୍ମଣ ସମାଜ ର ଅଷ୍ଟାବିଂଶତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଜଙ୍ଗଲ ବିଭାଗ ର ଅଧିକାରୀ ଶ୍ରୀ ଦୁର୍ଗା ପ୍ରସାଦ ନାଥ ଏବଂ ସମ୍ମାନିତ ଅତିଥି ଭାବରେ କୁଳପତି ଶ୍ରୀ ସୁଶାନ୍ତ ନାୟକ ଯୋଗ ଦେଇଥିଲେ । ମଞ୍ଚ ରେ ଅତିଥି ଙ୍କ ସହ ସାହିତ୍ୟିକ ତଥା କବି ଡ. ଶ୍ୟାମ ସୁନ୍ଦର ଧର, କାର୍ଯ୍ୟକାରି ସଭାପତି ପ୍ରସନ୍ତ କର, ସମ୍ପାଦକ ହୃଷିକେଶ ବେହେରା, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ସୁବାଷ ନାଥ ମଂଚାସୀନ ଥିଲେ । ପ୍ରଥମେ ମର୍ଯ୍ୟାଦା ପୁରୁଷୋ□ମ ଶ୍ରୀ ରାମଚନ୍ଦ୍ର ମହାପ୍ରଭୁଙ୍କ ଫଟୋ ସମ୍ମୁଖରେ ଅତିଥି ମାନେ ଦୀପ ପ୍ରଜ୍ୱଳନ କରି ମାଲ୍ୟାର୍ପଣ କରିଥିଲେ। ଦିବଂଗତ ଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶ୍ରୀ ଦୁର୍ଗା ପ୍ରସାଦ ନାଥ ଙ୍କ ଦ୍ୱାରା ଲିଖିତ ପୁସ୍ତକ ପଶ୍ଚିମ ଓଡିଶାରେ ଜଗନ୍ନାଥ ସଂସ୍କୃତି ର ପ୍ରଚାର ଓ ପ୍ରସାର ଉନ୍ମୋଚନ କରାଯାଇଥିଲା । କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିବା ସଙ୍ଗେ ସଙ୍ଗେ ,ସମାଜ ର ଅନେକ ଉନ୍ନତି, ବିକାଶ ଏବଂ ନିଜ ନିଜ କ୍ଷେତ୍ର ରେ ସଫଳତା ପାଇ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସଭାରେ ଏହି ସମାଜ ର ନିୟମ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରାଯାଇଥିଲା। ପ୍ରସନ୍ନ କର ମ□ ପରିଚାଳନା କରିଥିବାବେଳେ ଅନ୍ତର୍ଜାମୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।ଏହିସଭାରେ ଓଡିଶା ତଥା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ରୁ ହଜାର ସଂଖ୍ୟାରେ ପଂଚସାସନୀ ବ୍ରାହ୍ମଣ ସମାଜର ସଦସ୍ୟ ମାନେ ଯୋଗ ଦେଇଥିଲେ ।ସମସ୍ତ ବ୍ରାହ୍ମଣ ମାନଙ୍କ ଉପସ୍ଥିତି ରେ ଠେଲକୋଲୋଇ ଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଟେଣ୍ଡାପାଲିକୁ ହରାଇ ବଡ଼ପୋଡ଼ାଗୁଡ଼ା ଚାମ୍ପିଅନ୍

କୋକସରା,(ମହାଭାରତ): କୋକସରା ବ୍ଲକ ଆମପାଣି ଖେଳ ପଡ଼ିଆରେ ବୁଢ଼ାରଜା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେ□ ସୋମବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଟେଣ୍ଡାପାଲିକୁ ହରାଇ ବଡ଼ପୋଡ଼ାଗୁଡ଼ା ଟିମ୍ ଟୁର୍ଣ୍ଣାମେ□ର ଚାମ୍ପିଅନ ହୋଇଛି। ଟେଣ୍ଡାପାଲି ଟିମ୍ ପ୍ରଥମେ ଟସ୍ ଜିଣି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୦୩ ରନ୍ ସଂଗ୍ରହ କରିଥିଲା। ବଡ଼ପୋଡ଼ାଗୁଡ଼ା ଟିମ୍ ୧୦୪ ରନ୍ ର ବିଜୟ ଲକ୍ଷ ନେଇ ପଡିଆକୁ ଓହ୍ଲାଇ ଥିବାବେଳେ ୯.୧ ଓଭରରେ ୪ ଉଇକେଟ ବିନିମୟରେ ଟୁର୍ଣ୍ଣାମେ□ର ବିଜେତା ହୋଇଥିଲା। ଆମ୍ପିଆର ଭାବରେ ମନୋରଞ୍ଜନ ବାଣୁଆ ଓ ପ୍ରାଣକୃଷ୍ଣ ସାହୁ ଖେଳ ପରିଚାଳନା କରିଥିଲେ। ଖେଳର ଧାରାବିରଣୀ ରମେଶ ପ୍ରସାଦ ବାରିକ ପ୍ରଦାନ କରିଥିବାବେଳେ ସ୍କୋର ବୋର୍ଡରେ କୁମୁଦ ସୁନା ଦାୟିତ୍ୱ ନିର୍ବାହ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରି ହିମାଞ୍ଚଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୁବନେତା ରୁତୁରାଜ ମାଝୀ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ମାଝୀ, ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନ□କୀ ଦଣ୍ଡସେନା, ଜୟ ଶଙ୍କର ପାଠୀ, ଗଙ୍ଗାଧର ନାଏକ, ସୁରେଶ ଚନ୍ଦ୍ର ସାହୁ, ବିନୋଦ କୁମାର ସିଂ, ସୁନିଲ କୁମାର ଯୋଷୀ, ଭାସ୍କର ରାଓ, ନାଗେଶ୍ୱର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରିଥିଲେୟ ମେନ୍ ଅଫ୍ ଦି ମ୍ୟାଚ୍ ସୁନିଲ କୁମାର ଦାସ ପାଇଥିବାବେଳେ ମେନ୍ ଅଫ୍ ଦି ସିରିଜ ଟେଣ୍ଡାପାଲି ଟିମ୍ ର ସୁନିଲ କୁମାର ବିଶି ବିବେଚିତ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ପୁଝାରୀ, ସମ୍ପାଦକ ସାନୁ କୁମାର, ଉପ ସଭାପତି ତାରେଶ ସାମନ୍ତରାୟ, ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଖଳା ନିର୍ମାଣରେ ଚାଷୀଙ୍କୁ ଅଣଦେଖା ଅଭିଯୋଗ

କୋକସରା,(ମହାଭାରତ) : ଗତ ସରକାରକୁ ସମାଲୋଚନା କରି ଆସୁଥିବା ବିଜେପି ଏବେ ସରକାରକୁ ଆସିବା ପରେ ନିଜର ଅସଲ ରୂପ ଦେଖାଇଛି। ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦି ଆସୁଥିବା ଏହି ଦଳର ନେତା ଓ କର୍ମୀମାନଙ୍କ ପାଇଁ କୃଷକ ଏବେ ଅଲୋଡ଼ା ହୋଇପଡ଼ିଛ। ଚାଷୀଙ୍କ ପାଇଁ ଆସିଥିବା କଂକ୍ରିଟ ଖଳା ବିଜେପି ବିଧାୟକଙ୍କ ଲୋକଙ୍କ ମର୍ଜିରେ ନିର୍ମିତ ହେଉଛି। ଚାଷୀଙ୍କ ସୁବିଧାକୁ ମୋଟେ ଦୃଷ୍ଟି ଦିଆ ନଯାଇ ଠିକାଦାର ପୋଷା ନିତିରେ ଚାଲିଛି ଖଳା ନିର୍ମାଣ। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋକସରା ବ୍ଲକ ଅଞ୍ଚଳରେ ଚାଲିଛି ଜୋରଦାର ଚର୍ଚ୍ଚା ଆଲୋଚନାୟ ପ୍ରାପ୍ତ ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଚାଷିମାନଙ୍କ ପାଇଁ ଏକ କଂକ୍ରିଟ ଖଳା ଆସିଥିଲାୟ ଗ୍ରାମର ଚାଷୀମାନେ ସାମୁହିକ ସୁବିଧା ଦୃଷ୍ଟିରୁ ସ୍ଥାନ ନିରୂପଣ କରି ସେହି ସ୍ଥାନରେ ଖଳା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଖଳା ନିର୍ମାଣ କରୁଥିବା ଠିକାଦାର ଓ ବିଭାଗୀୟ କର୍ମଚାରୀ ଚାଷୀଙ୍କ କଥାକୁ ମୋଟେ କର୍ଣ୍ଣପାତ ନକରି ଧାନ ମଣ୍ଡି ହେବାକୁ ଥିବା ସ୍ଥାନରେ ନିଜ ମର୍ଜିରେ ଖଳା ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ଆରମ୍ଭରୁ ପଞ୍ଚାୟତର ଚାଷୀମାନେ ଘୋର ବିରୋଧ କରିଥିଲେ। ଏହା ସତ୍ତ୍ୱେ□ ମଧ୍ୟ କାହାକୁ ଖାତିର ନକରି ଖଳା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସୋମବାର ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଓ ଜନଶୁଣାଣୀ ଶିବିରରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ସହିତ ତହସିଲଦାରକୁ ମଧ୍ୟ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ବୟାନ ଅନୁସାରେ, ସଂପୃକ୍ତ ଠିକା କରୁଥିବା ବ୍ୟକ୍ତି ଜଣକ 'ମୁଁ ଧର୍ମଗଡ଼ ବିଧାୟକଙ୍କ ଲୋକ, ମୁଁ କାହାରିକୁ ଖାତିରି କରେନାହିଁ। ଏବେ ଆମ ସରକାର ଶାସନ ଚାଲିଛି ତେଣୁ ଆମ ମର୍ଜିରେ



ସବୁ ହେବ' ଇତ୍ୟାଦି କହିଥିବା ଅଞ୍ଚଳର କୃଷକମାନେ ବ୍ୟକ୍ତ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ସଚେତନ ନାଗରିକ ଏହି ପ୍ରସଙ୍ଗରେ କହିଛନ୍ତି- 'ଏଠାରେ ଦଳୀୟ ଲୋକ ବଡ଼, କୃଷକଙ୍କ ସ୍ୱାର୍ଥ ଚୁଲିକୁ ଯାଉ।' ସାଧାରଣ ଜନତା ଓ କୃଷକଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଦୁର୍ଗ ପତନ କରିଥିଲା ବିଜେପି। ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀବାସୀ ମଧ୍ୟ ବେଶ୍ ଉତ୍ସାହିତ ଥିଲେ। ନୂତନ ବିଧାୟକ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ସେମାନଙ୍କ ବଦ୍ଧମୂଳ ଧାରଣା ଥିଲା। ଏବେ କିନ୍ତୁ ତାହା ତାସ୍ ପତା ପରି ଭୁଷୁଡିବାକୁ ଲାଗିଛି। କୃଷିଜୀବୀ ସମାଜର ଅନେକ ସମସ୍ୟାକୁ ଅଣଦେଖା କରି ଦଳୀୟ କର୍ମୀ ଓ ଠିକାଦାରଙ୍କ ସ୍ୱାର୍ଥକୁ ଆଗ ପ୍ରାଧାନ୍ୟ ଦିଆଯାଉଥିବା ଚାଷୀ କହିଛନ୍ତି ।ଯଦି ଏହି ନିତି ଆଗକୁ ଲାଗିରୁହେ ତେବେ ଏହା ଶାସକ ଦଳ ପ୍ରତି ଶୁଭଙ୍କର ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛ।

## ଜିଲ୍ଲାପାଳଙ୍କ ଜନ ଶୁଣାଣୀ



ଦେବଗଡ଼(ମହାଭାରତ) :ଦେବଗଡ ଜିଲ୍ଲା ବାରକୋଟ ବ୍ଲକ କଣ୍ଢେଇ ଗ୍ରାମପଂଚ୍ଯତ ସମ୍ମିଳନୀ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୨୮ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି ।ବିଶେଷ କରି ଶିକ୍ଷକ ନିଯୁକ୍ତି, ପାନୀୟ ଜଳ, ବିଦ୍ୟୁତ ସମସ୍ୟା, ୦.୦୪ ଜମିର ପଟ୍ଟା, ଉଜ୍ଜ୍ୱଳା ଗ୍ୟାସ ଓ ସୁଭଦ୍ରା ଯୋଜନା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ କୁମାର ଚପରଦାର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପାଟଣା ପୋଲିସ ଓ ବନବିଭାଗ ଚଢ଼ାଉ ବାଘ ଛାଲ ସହ ଦୁଇଜଣ ଗିରଫ

ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ପୋଲିସ ଓ ବନବିଭାଗ ର ମିଳିତ ଚଢ଼ାଉ କରି ସମୟରେ ଦୁଇଜଣ ଙ୍କୁ ଗିରଫ କରାଯାଇଛି। ସୂଚନା ରୁ ପ୍ରକାଶ ଗତ ରବିବାର ରାତିରେ ବାଘ ଛାଲ ବିକ୍ରି କୌଣସି ସୂତ୍ର ରୁ ଖବର ପାଇ କେନ୍ଦୁଝର ଆରକ୍ଷୀ ଅଧକ୍ଷ ନିତିନ୍ କୁଶଳ କର ଦାଗୁଡୁ ଓ ବନ ଆରକ୍ଷୀ ଏଚ.ଡ଼ି ଧନରାଜ ଙ୍କ ନିର୍ଦେଶ କ୍ରମେ ସାହାରପଡା ବନପାଳ ଅନ୍ତର୍ଗତ ମାଛଗଡ଼ ଅସ୍ତଯୋଡି ଗ୍ରାମର ରାସ୍ତା କଡ଼ ରେ କଲରାପତିରିଆ ବାଘ ଛାଲ ବିକ୍ରି ମୂଲଚଲ ଚାଲୁଥିବା ସମୟରେ ସାହାରପଡା ବନପାଳ ଅଧିକାରୀ ଭୂପତି ସେଠୀ ପାଟଣା ଥାନା ଅତିରିକ୍ତ ଅଧିକାରୀ ଉଦୟବୀର କୁଲୁ ମିଳିତ ଚଢ଼ାଉ କରି ଦୁଇଜଣ ଙ୍କ ପାଖରୁ ଗୋଟିଏ କଲରାପତିରିଆ ବାଘ ଛାଲ ସହ ଦୁଇଟି ମୋବାଇଲ



ଫୋନ,ଗୋଟିଏ ବାଇକ ଜବତ କରାଯାଇଛି । ବାଘ ଛାଲ ବିକ୍ରି ଦୁଇଜଣ ବେପାରୀ ହେଲେ ରାମ ବାନ୍ଦିଆ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ବସନ୍ତପୁର ଅନ୍ୟ ଜଣେ ସାଗର କୁଲାପଡିଆ ଖଡିଆପାଳ ଗ୍ରାମର ବୋଲି ପଡିବା ସହ ଦୁଇଜଣ ଅଭିଯୁକ୍ତ ଙ୍କୁ ଗରିଫ କରି କୋର୍ଟ ଚାଲାଣ କରାଯାଇ ଥିବା ଏସ.ଡି.ପି.ଓ ପ୍ରଭାତ ରଞ୍ଜନ ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସହକାରୀ ବନ ସଂରକ୍ଷିକ ଜିତେନ୍ଦ୍ର ବେହେରା, ଅଶୋକ ଦାଶ,ପାଟଣା ବନା□ଳ ଅଧିକାରୀ ବନ ବିହାରୀ ସର୍ଦାର,ବନପାଳ ଅଧିକାରୀ ପିଅନ ନାଏକ,ବନ କର୍ମଚାରୀ ରଞ୍ଜିତା ମହାନ୍ତ,ଦୀପକ ରଣା,ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼,ଅତିରିକ୍ତ ଥାନା ଅଧିକାରୀ ଧନେଶ୍ୱର ପାତ୍ର,ନୂଆସ୍ ଲାଗୁନୁ ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥିତ ଥିଲେ।

## ରାଜ୍ୟ ସ୍ତରୀୟ ୫୩ତମ ଆଇନଜୀବି ସମ୍ମିଳନୀ ଉଦଯାପିତ





ଭଞ୍ଜନଗର,(ମହାଭାରତ): ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସ୍ତରୀୟ ୫୩ତମ ବାର୍ଷିକ ସମ୍ମିଳନୀ ସୋମବାର ଉଦଯାପିତ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମଳନୀରେ ଆଜି ଦ୍ୱିତୀୟ ଦିବସ ରହିଥିବା ବେଳେ ଅଧିବେଶନ ସମାପ୍ତ ହେବା ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଭଞ୍ଜନଗର ଆଇନଜୀବୀ ସଂଘ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନଜୀବୀ ସଂଘର କାର୍ଯ୍ୟକାରୀତା ଉପରେ ବକ୍ତବ୍ୟ ରଖିଥିଲେ। ବିଶେଷ କରି ରାଜ୍ୟର ସମସ୍ତ ଆଇନଜୀବୀ ଏକଜୁଟ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ନିଜ ନିଜ ମହକିଲ ମାନଙ୍କୁ ଯେଉଁ ସ୍ତରରେ ଆଇନସେବା ଆବଶ୍ୟକ ଯୋଗାଇବା ସମସ୍ତଙ୍କ ନେତିକ ଦାୟିତ୍ୱ। ମାମଲା ପରିଚାଳନାକୁ ନେଇ କୋର୍ଟ ପରିସରରେ ଯେଉଁଭଳି ପରିସ୍ଥିତି ରହିଥିଲେ ମଧ୍ୟ ବାହାରରେ ସମସ୍ତ ଆଇନଜୀବୀ ଏକ ହୋଇ ସେହାର୍ଦ୍ଦ୍ୟପୂର୍ଣ୍ଣ ଭାବ ରଖିବା ଜରୁରୀୟ ଓକିଲଙ୍କ ଏକତା ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବାର ଆବଶ୍ୟକତା ରହିଛି। ତାହାଲେ ଯାଇ ଆଇନଜୀବୀ ସଂଘ ନିଜର ହକ ଓ ସମସ୍ୟା ସମାଧାନ କରି ପାରିବ ବୋଲି ସେ କହିଥିଲେ। ରାଜ୍ୟ ଆଇନଜୀବୀ ସଂଘ ସଭାପତି ମାନସ ରଞ୍ଜନ ମହାପାତ୍ରଙ୍କ ପେରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟି ସଭାପତି ତଥା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭଞ୍ଜନଗର ବାର ରେ ବହୁ ଦିବଙ୍ଗତ ଆଇନଜୀବୀଙ୍କ ଦକ୍ଷତା ସଂପର୍କରେ କହିବା ସହ ଓଡ଼ିଶାର ଅନ୍ୟ ବାର କୁ ମାର୍ଗ ଦର୍ଶନ ଦେବାର କ୍ଷମତା ରଖିଛି ଭଞ୍ଜନଗର ବାର୍‌ୟ ସମସ୍ତଙ୍କୁ ସାଙ୍ଗରେ ନେଇ ରାଜ୍ୟ ଆଇନଜୀବୀ ସଂଘକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବାର୍ କାଉନସିଲ ସଦସ୍ୟ ପିତବାସ ପଣ୍ଡା ଓ ଆତ୍ମାରାମ ମହାନ୍ତି,ରାଜ୍ୟ ଆଇନଜୀବୀ ସଂଘର ସଙ୍ଗଠନ ସମ୍ପାଦକ ନିରଞ୍ଜନ ନାୟକ ଯୋଗଦେଇ ସଙ୍ଗଠନ ସଂର୍ପକରେ କହିବା ସହ ସମାଜ ଗଠନରେ ଆଇନଜୀବୀଙ୍କ ଭୂମିକା,ଲୋକଙ୍କୁ ନ୍ୟାୟିକ କ୍ଷେତ୍ରରେ ସର୍ବଦା ଜଣେ ବନ୍ଧୁ ପରି ସେମାନଙ୍କ ସମସ୍ୟା ସମାଧାନ କରିବା ଦିଗରେ ଆଇନଜୀବୀଙ୍କ ଚିନ୍ତା,ଚେତନା ଓ କର୍ତ୍ତବ୍ୟ ସର୍ବଦା ନିଷ୍ଠାପରତା ଉପରେ ଆଧାରିତ ବୋଲି କହିଥିଲେ। ଭଞ୍ଜନଗର ଓକିଲ ସଂଘ ସଭାପତି ଶେଳେନ୍ଦ୍ର ନାରାୟଣ ସାହୁ ରାଜ୍ୟ ଆଇନଜୀବୀ ସଂଘର ଉପସଭାପତି ସଞ୍ଜୟ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପ୍ରସନ୍ନ କୁମାର ନନ୍ଦ ସଂଯୋଜନା କରିଥିଲେ। ଅପରାହ୍ନରେ ସାଧରଣ ବେଠକ ହେବା ସହ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଶେଷରେ ଭଞ୍ଜନଗର ଆଇନଜୀବୀ ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଦିନିଆ ବର୍ଷା ଜନିତ ଫସଲ ହାନି ସୂଚନା ପ୍ରଦାନ ଅବଧି ବଢ଼ିଲା

ଭବାନୀପାଟଣା:(ମହାଭାରତ): ଅଦିନିଆ ବର୍ଷା ଜନିତ ଫସଲ ହାନି ହୋଇଥିଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ପଞ୍ଜୀକୃତ ଚାଷୀ ବୀମା ସହାୟତା ପାଇବା ପାଇଁ ୭୨ ଘଣ୍ଟା ମଧ୍ୟରେ କୃଷି ରକ୍ଷକ ଆପ କିମ୍ବା ତୁରନ୍ତ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା ହେଲେ ଚାଷିଙ୍କ ହିତଦୃଷ୍ଟି ରୁ ସରକାର ଏହାକୁ ଗୁରୁତ୍ୱ ଦେଇ ଏହି ଅବଧି ସମୟସୀମାକୁ ଆସନ୍ତା ଜାନୁଆରୀ ୦୧, ୨୦୨୫ ପର୍ଯ୍ୟନ୍ତ ବୃଦ୍ଧିକରିଛନ୍ତି। ଅଦିନିଆ ବର୍ଷା ରେ ଯେଉଁ ଚାଷୀ ଙ୍କର ଫସଲ ନଷ୍ଟ ହୋଇଛି ସେମାନେ ଏହି ସମୟ ସୀମା ମଧ୍ୟରେ ଦିଆଯାଇଥିବା ଫସଲ ହାନି ର ସୂଚନା ଦେଇପାରିବେ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। କୃଷି ରକ୍ଷକ ରେ ତୁରନ୍ତ ସୂଚନା ଦେବାକୁ ଚାଷୀଙ୍କୁ ଅନୁରୋଧ କରାଯାଇଛ। ଯୋଗ୍ୟ ଚାଷୀ ବୀମା ସହାୟତା ପାଇବାରୁ ଯେପରି ବ□ିତ ନ ହୁଅନ୍ତି ସେ ଦିଗରେ କ୍ଷେତ୍ର ପ୍ରଦର୍ଶନ କରି ସଠିକ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସାନ୍ଧ୍ୟ ମହାବିଦ୍ୟାଳୟ ୨୦୧୧ ପୁରାତନ ବ୍ୟାଚ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବନ୍ଧୁମିଳନ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ମହାଭାରତ): କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ୨୦୧୧ ବ୍ୟାଚ ଛାତ୍ରଙ୍କ ଦ୍ୱାରା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗରାପୁର ଆଳିଜଙ୍ଗା ସ୍ଥିତ ଗୋରେଖନାଥ ବଟରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୪ ବର୍ଷ ପରେ ପୁରାତନ ଛାତ୍ର ମାନଙ୍କ ମଧ୍ୟରେ ଏକ ବନ୍ଧୁତା ପୂର୍ଣ୍ଣ ବଣଭୋଜି କାର୍ଯ୍ୟକ୍ରମ ରଖାଯାଇଥିଲା । ସମସ୍ତିଙ୍କ ମଧ୍ୟରେ ଏକ ଉତ୍ସାହ ଉଦ୍ଦିପନ୍ନା ବାତାବରଣ ସୃଷ୍ଟି ହୋଇଥିଲା । ନାଚ ଗୀତ ର ଆସର ମେଳିଥିବା ବେଳେ ପରସ୍ପର ମଧ୍ୟରେ ଆଲିଙ୍ଗନ କୋଳାହଳ ଦେଖାଯାଇଥିଲା । କଲେଜର ପୁରୁଣା ସ୍ମୃତିକୁ ମନେପକାଇ ହସ ଲୁହ ଭରା ଆଲୋଚନା ରେ ପରସ୍ପର ମଧ୍ୟରେ ବାନ୍ଧିହୋଇଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅଲେଖ ନାୟକ, ପ୍ରଭାକର ମଲିକ, କମଳାକାନ୍ତ ସ୍ୱାଇଁ, ସାଦିକ ଖାନ,ଗୌରାଙ୍ଗ ବାରିକ, ଜିଓରୋଜ ସାହୁ, ସତ୍ୟବ୍ରତ ଆଚାର୍ଯ୍ୟ, ସୁବାସ ପ୍ରଧାନ, ଲିପୁ, ରାଜା, ସେକ ଚନ୍ଦନ, ଦିପୁନି, ସନ୍ତୋଷ ବାରିକ, ଲିଟୁ, ସଞ୍ଜୟ ନିଶିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା ଅଭିଯାନ ବୈଠକ

ଦେବଗଡ଼(ମହାଭାରତ) ଦେବଗଡ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତା ରେ ଆୟୋଜିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ କୁମାର ଚପରଦାର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟ ନାରାୟଣ ମିଶ୍ର, ଏକ୍ସାଇଜ ଅଧିକ୍ଷକ ଓ ବିଭିନ୍ନ ଲାଇନ ଡିପାର୍ଟମେ□ ର ଅଧିକାରୀ ମାନେ ଉପସ୍ଥିତ ରହି ଦୁର୍ଘଟଣା ଏଡାଇବା ପାଇଁ ବିଭିନ୍ନ ସ୍ଥାନ ରେ ସଚେତନତା ମୂଳକ ହୁଡିଙ୍ଗ ନିର୍ମାଣ, ଯାନ ବାହାନ ଯାଞ୍ଚ, ରାସ୍ତା ଘାଟ ର ଉନ୍ନତି କରଣ ଓ ମରାମତି ସମେତ ଆବଶ୍ୟକ ସ୍ଥଳରେ ସ୍ପିଡି ବ୍ରେକର ନିର୍ମାଣ ଉପରେ ଆଲୋକପାତ କରାଯାଇଥିଲା।

## ଜମୁଛି ପାରାଦୀପ ମହୋତ୍ସବ

### ସାଂସ୍କୃତିକ କାର୍ଯ୍ୟକ୍ରମରେ ବଢୁଛି ଦର୍ଶକଙ୍କ ଭିଡ଼



ପାରାଦୀପ (ମହାଭାରତ): ପାରାଦୀପ ର ଜୟଦେବ ସଦନ ଠାରେ ସାତଦିନ ଧରି ଚାଲିଥିବା ପାରାଦୀପ ମହୋତ୍ସବ ସଫଳତାର ସହ ଆଗେଇ ଚାଲିଛି । ଏହି ମହୋତ୍ସବ ରେ ଦିନ ବଢିବା ସହିତ ବଢୁଛି ଦର୍ଶକଙ୍କ ଭିଡ । ଓଡ଼ିଶାର ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଚଟପଟି ଖାଦ୍ୟର ମଜା ନେଉଛନ୍ତି ପାରାଦୀପ ବାସି । ପ୍ରତ୍ୟେକ ସନ୍ଧ୍ୟାରେ ପାରାଦୀପ ଅ□ଳର କଳାକାର ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ ପରେ ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପାରାଦୀପ ମହୋତ୍ସବର ଆକର୍ଷଣ ପାଲଟିଥିବା ବେଳେ ବିଭିନ୍ନ ପ୍ରକାର ଷ୍ଟଲ୍ ବୁଲି କିଣାକିଣି କରୁଛନ୍ତି ଦର୍ଶକ । ଅଟଳ ବିହାରୀ ବାଜପେୟୀ ଙ୍କ ସ୍ମୃତି କୁ ମନେପକାଇ ଅଟଳ ମେମୋରିଆଲ୍ ଟ୍ରଷ୍ଟ୍ ତରଫରୁ ଆୟୋଜିତ ପାରାଦୀପ ମହୋତ୍ସବ ୬ବର୍ଷରେ ପହଞ୍ଚିଥିବା ବେଳେ ଓଡିଶା ସରକାରଙ୍କ ମାନ୍ୟବର ଶିକ୍ଷମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁଙ୍କ ପାରାଦୀପ ବାସୀଙ୍କ ପ୍ରତି ଭଲପାଇବା ଓ ପରିକଳ୍ପନା ଆଜି ପାରାଦୀପ ମହୋତ୍ସବ କୁ ସଫଳ କରିଛି ବୋଲି କହିଛନ୍ତି ଆୟୋଜକ କମିଟି ।ଦିନ ବଢିବା ସହିତ ପାରାଦୀପ ମହୋତ୍ସବ ରେ ଦର୍ଶକଙ୍କ ଭିଡ କୁ ଆୟୋଜକ କମିଟି ଉତ୍ସାହିତ ହେବା ସହିତ ଆଉ ତିନିଦିନ ଅହେତୁକ ଜନଗହଳି ହେବାନେଇ ଆୟୋଜକ କମିଟି ଆଶାବାଦୀ ରହିଥିବା ବେଳେ ଶାନ୍ତି ଶୃଙ୍ଖଳା ର ସହିତ ମହୋତ୍ସବ ର ଆୟୋଜନକୁ ନେଇ ପାରାଦୀପ ପୋଲିସ ପ୍ରଶାସନ କୁ ପ୍ରଶଂସା କରିଛନ୍ତି ଆୟୋଜକ କମିଟି ।

## ମେକ ମାଇକେଲ ସଂକୃତ କଲେଜର ଜାତୀୟ ସେବା ଯୋଜନା ଶୀତ ଶିବିର ଉଦଯାପିତ





ଆସିକା (ମହାଭାରତ): ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦେବଭୂମି ଗ୍ରାମ ରେ ଉଦଯାପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ଜାତୀୟ ସେବା ଯୋଜନା ର କାର୍ଯ୍ୟକ୍ରମ ସଂଯୋଜକ ସନାତନ ପଣ୍ଡା ଙ୍କ ସଂଯୋଜନା ରେ କଲେଜ ର ଅଧକ୍ଷ ଅଶ୍ୱିନୀ ଦାସ, ପୁରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା ର ସଂଯୋଜକ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ,ସୁଦର୍ଶନ ହାଇସ୍କୁଲ ର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌରହରି ବେହେରା,ଶିଶିର କୁମାର ମିଶ୍ର,ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶୀତ ଶିବିର ସାତ ଦିନ ଧରି ଅନୁଷ୍ଠିତ ହୋଇଥିଲା । ବିଶେଷ କରି ଗ୍ରାମ୍ୟ ପରିମଳ, ସ୍ୱାସ୍ଥ୍ୟ ଏଡ଼ସ ରୋଗ ନିରାକରଣ ପାଇଁ ରକ୍ତ ନମୁନା ସଂଗ୍ରହ, ବୃକ୍ଷ ରୋପଣ, ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ, ନୂତନ ଶିକ୍ଷା ନୀତି ୨୦-୨୦ ର ଆବଶ୍ୟକତା ଏବଂ ଉପକାର ଓ ଅପକର ଉପରେ ଆଲୋଚନା, କରାଯାଇଥିଲା କ୍ଷ ପିଲାମାନଙ୍କ ମଧ୍ୟରେ ସୁନ୍ଦର ପୋଷାକ ପରିଧାନ ଓ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଶିବିର ରେ ବାବା ନାଥ ମିଶ୍ର ଓ କବିତା କୁମାରୀ ଦାସ ବିଭିନ୍ନ ଦିବସରେ ସେବକ ମାନଙ୍କୁ ସେବା କାର୍ଯ୍ୟ ପାଇଁ ଉତ୍ତମ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଟୁନା ମହାରଣା,ସେବକ ରୁଦ୍ର ମହାରଣା, ଅରପିତ ସ୍ୱାଇଁ, ଆଦର୍ଶ ସ୍ୱାଇଁ, ଶ୍ରାବଣୀ ଜେନା, ମାମାଲି ମହାନ୍ତି, ପାୟଲ ସ୍ୱାଇଁ, ସମେତ ୫୦ ଜଣ ଛାତ୍ର ଛାତ୍ରୀ ସେବା ଶିବିର ରେ ଯୋଗ ଦେଇଥିଲେ।

## କୁଦୋପାଲିରେ ସହିଦ ହୋଇଥିବା ବୀର ଛବିଳ ସାଏଙ୍କ ସମେତ ୫୭ ସଂଗ୍ରାମୀ ଙ୍କ ସ୍ମୃତି ରେ ଅନୁଷ୍ଠିତ

ସମ୍ବଲପୁର;(ମହାଭାରତ) : କୁଦୋପାଲି ରେ ସହିଦ ହୋଇଥିବା ବୀର ଛବିଳ ସାଏ ଙ୍କ ସମେତ ୫୭ ସଂଗ୍ରାମୀ ଙ୍କ ସ୍ମୃତି ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା କୁଦୋପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭା ରେ ମାନନୀୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ସମ୍ମାନୀତ ଅତିଥି, ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର ଶ୍ରୀ ରବି ନରାୟଣ ନାୟକ, ସମ୍ବଲପୁର ର ମାନ୍ୟବର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର,ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ, ବୀର ଛବିଳ ସାଏ ସ୍ମୃତି କମିଟି ର ଅଧକ୍ଷ ତଥା ରେଙ୍ଗାଲି ର ପୂର୍ବତନ ବିଧାୟକ ଶ୍ରୀ ନାଉରି ନାୟକ, ରାଜସ୍ୱ ବିଭାଗୀୟ ଆୟୁକ୍ତ-ଉତ୍ତରାଞ୍ଚଳ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ (ଆଇ.ଏ.ଏସ), ଆଇଜ-ଉତ୍ତରାଞ୍ଚଳ ଶ୍ରୀ ହିମାଂଶୁ ଲାଲ(ଆଇ.ପି.ଏସ), ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ), ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୁ(ଆଇ.ପି.ଏସ), ପ୍ରମୁଖ ମଞ୍ଚାସୀନ ଥିଲେ। ବୀର ଛବିଳ ସାଏ ସ୍ମୃତି କମିଟି ର ଅଧକ୍ଷ ତଥା ରେଙ୍ଗାଲି ର ପୂର୍ବତନ ବିଧାୟକ ଶ୍ରୀ ନାଉରି ନାୟକ ସ୍ୱାଗତ ଅଭିଭାଷଣ ରେ କୁଦୋପାଲି ଘାଟି ର ବୀର ସୁରେନ୍ଦ୍ର ସାଏଙ୍କ ଭାଇ ବୀର ଛବିଳ ସାଏ ଙ୍କ ସମେତ ୫୩ ଜଣ ବୀର ସଂଗ୍ରାମୀ ଙ୍କ ସଂଗ୍ରାମ ଯାହା ଭାରତୀୟ ଇତିହାସ ରେ ଏକ ଐତିହାସିକ ଉଲ୍ଲେଖନୀୟ, ଘଟଣା କୁ ସମସ୍ତ ଙ୍କ ଲୋକ ଲୋଚନ କୁ ଆଣିବା ରେ ମାନନୀୟ କେନ୍ଦ୍ରମନ୍ତ୍ରୀ, ଶିକ୍ଷା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ର ମୁଖ୍ୟ ଅବଦାନ ରହିଛି ବୋଲି ସେ କହିଥିଲେ।ମାତ୍ର ଏହି ଇତିହାସ ଅନେକଙ୍କ ପାଇଁ ଅଜଣା ଥିଲା, କିନ୍ତୁ ବର୍ତ୍ତମାନ କୁଦୋପାଲି ର ବଳିଦାନ ଓ ବୀର ଗାଥା ବିଶ୍ ର କୋଣ ଅନୁକୋଣ ରେ ପହଞ୍ଚିବ। ମାନନୀୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଆମେ କୁଦୋପାଲି ଘାଟି କ୍ରାନ୍ତି ର ବୀର ସଂଗ୍ରାମୀ ମାନଙ୍କୁ ୨୧ ତୋପ ସଲାମୀ ର ଶ୍ରଦ୍ଧାଞ୍ଜଳି ଦେଇ ଆମେ ସୌଭାଗ୍ୟଶାଳୀ ହୋଇପାରିଛୁ। କୁଦୋପାଲି ର ଇତିହାସ, କୁଦୋପାଲି ର ସମର୍ପଣ, କୁଦୋପାଲି ର ତ୍ୟାଗ, କୁଦୋପାଲି ର କ୍ରାନ୍ତି, ଜାଲିୱାନାବାଗ ର ଘଟଣା ଠୁ କୌଣସି ଗୁଣରେ କମ ନୁହେଁୟ ସୁରେନ୍ଦ୍ର ସାଏ ଆମ ପାଇଁ ଗୋଟିଏ ଚିତ୍ର ନୁହେଁ, ଆମ ପାଇଁ ଗୋଟେ ଜୀବନ ଶୈଳୀ, ୩୦ ଡିସେମ୍ବର ୧୮୫୭ ଆମ ପାଇଁ ଗୋଟିଏ ତାରିଖ ନୁହେଁ, ଆମ ପାଇଁ ଗୋଟିଏ ଅଭୂଲା ସ୍ମୃତି, ଆମ ଜୀବନର ପ୍ରତିବଦ୍ଧତା ବୋଲି ଶ୍ରୀ ପ୍ରଧାନ କହିଥିଲେ।ଜାତୀୟ ସ୍ତରରେ ସମ୍ବଲପୁର ର କ୍ରାନ୍ତି ନିଶ୍ଚିତ ସ୍ଥାନ ପାଇବ ବୋଲି ଉଲ୍ଲେଖ କରିଥିଲେ। ନୂତନ ଜାତୀୟ ଶିକ୍ଷା ନୀତି ଅନୁସାରେ ଏନ.ସି.ଇ.ଆର.ଟି. ର ପଦ୍ଧତି ଅନୁଯାୟୀ ଓଡିଶା ର ପାଠ୍ୟ ପୁସ୍ତକ ପ୍ରଣୟନ କରାଯିବ ଗୋଟିଏ ସଂଶୋଧନ ସହ ଯେଉଁଥିରେ ଓଡିଶା ର ପ୍ରାସଙ୍ଗୀକତାକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ମାନନୀୟ କେନ୍ଦ୍ରମନ୍ତ୍ରୀ କହିଥିଲେ। ଯାହାଫଳରେ ଓଡିଶାର ବୀରଗାଥା ବିଷୟରେ ଲୋକେ ଅବଗତ ହୋଇ ପାରିବେ। ଇତିହାସ ର ଦର୍ପଣ କୁ ଦେଖି ଭବିଷ୍ୟତ ର ରାସ୍ତା ତିଆରି କରିପାରିବୁ, ଇତିହାସକୁ କୁ ସ୍ମରଣ କରି ଭାରତ ବର୍ଷ ର ବୈଭବ ର ଉନ୍ନତି ହୋଇପାରିବ।

## ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଠାକୁରମୁଣ୍ଡା ବ୍ଲକ ରେ ଅଭିଯୋଗ ଶୁଣାଣି



କରଞ୍ଜିଆ, (ମହାଭାରତ) ସୋମବାର ଦିନ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଠାକୁରମୁଣ୍ଡା ବ୍ଲକ ରେ ଅଭିଯୋଗ ଶୁଣାଣି କରିଛନ୍ତି। ଠାକୁରମୁଣ୍ଡା ବ୍ଲକ ପରିସର ରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ର ସଭାଗୃହରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଏସପି ବରୁଣ ଗୁଣ୍ଟୁପାଲୀ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ,ଉପଜିଲ୍ଲାପାଳ ପ୍ରେମାନସୁ ଚନ୍ଦ,ପିଏ ଆଇ ଟିଡିଏ ପ୍ରବୀଣ କୁମାର ବାଣୁଆ,ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ରେ ମୋଟ ୯୩ ଟି ଅଭିଯୋଗ ଆସିଥିବା ବେଳେ ୬୦ ଟି ଏକକ ଅଭିଯୋଗ ଓ ୩୩ ଗୋଟି ଗୋଷ୍ଠୀ ଗତ ଅଭିଯୋଗ ହୋଇଥିଲା। ପୂର୍ବରୁ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଉପଖଣ୍ଡ ସ୍ତରରେ ହେଉଥିବା କାରଣ ରୁ ଅନେକ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଭାଗ ନେଇ ପାରୁନଥିବା ବେଳେ ଜିଲ୍ଲାପାଳଙ୍କ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବ୍ଲକ ସ୍ତର ରେ ଆୟଜନ ହୋଇଥିବା କାରଣ ରୁ ଅନେକ ସାଧାରଣ ଲୋକ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଜିଲ୍ଲାପାଳ ଙ୍କୁ ଜଣାଇ ପାରିଥିଲେ। ଜିଲ୍ଲାପାଳ ଙ୍କ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସୁଶ୍ରୀ ସୁପ୍ରିୟା,ପୋଲିସ ଏସଡିପିଓ ସୁବ୍ରତ କୁମାର ସମେତ ବିଭିନ୍ନ ବିଭାଗ ର ଅଧକାରୀ ମାନେ ଉପସ୍ଥିତ ଥିଲେ।



# ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ତଳେ ଶିବଲିଙ୍ଗ ଅଛି : ଅଖିଳେଶ

ଲକ୍ଷ୍ନୌ,୩୦।୧୨: ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ରବିବାର ଦାବି କରିଛନ୍ତି ଯେ ଲକ୍ଷ୍ନୌରେ ଥିବା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ତଳେ ଗୋଟିଏ ଶିବଲିଙ୍ଗ ରହିଛି ।ଲକ୍ଷ୍ନୌରେ ଆୟୋଜିତ ରାଲିରେ ଅଖିଳେଶ କହିଛନ୍ତି, ଲକ୍ଷ୍ନୌରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ତଳେ ଗୋଟିଏ ଶିବଲିଙ୍ଗ ଅଛି । ଏହାକୁ ମଧ୍ୟ ଖୋଳି ବାହାର କରାଯିବା ଉଚିତ ।



ଉତ୍ତର ପ୍ରଦେଶରେ ଏବେ ପ୍ରତ୍ନତତ୍ତ୍ୱ ବିଭାଗର ସର୍ଭେକୁ ନେଇ ରାଜନୀତିକ ବିବାଦ ଚାଲିଥିବା ବେଳେ ଅଖିଳେଶଙ୍କ ବୟାନ ସାମ୍ନାକୁ ଆସିଛି । ଗତ ସପ୍ତାହରେ ବିଭାଗ ପକ୍ଷରୁ ସମ୍ଭଲରେ ଖନନ କରାଯାଇଥିଲା ଏହି ସମୟରେ ୧୮୫୭ ମସିହାର ଗୋଟିଏ ୨୫୦ ଗଭୀର ପାହଚ ଥିବା କୂଅ ଠାବ ହୋଇଥିଲା ।

ଲକ୍ଷ୍ମଣ ଗଞ୍ଜ ଅଞ୍ଚଳରେ ଦୁଇଟି ବୁଲଡୋଜର ଦ୍ୱାରା ଖୋଳା ଯିବା ବେଳେ ଏପରି ଷ୍ଟେପଲେ ଠାବ ହୋଇଥିଲା । ସମାନ ଅଞ୍ଚଳରୁ ବାଙ୍କ ବିହାରୀ ମନ୍ଦିରର ଭଗ୍ନସ୍ତୁପ ମାଟି ତଳୁ ମିଳିଥିଲା ଏହା ନିକଟରୁ ହିଁ ଷ୍ଟେପଲେ ଠାବ କରାଯାଇଥିଲା ।

ତେବେ ବେକାରୀ ଓ କୃଷି ସହ ଜଡ଼ିତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନଚ୍ୟୁତ କରିବା ପାଇଁ ବିଜେପି ଏସବୁ ସର୍ଭେ କରୁଛି ବୋଲି ଯାଦବ ଅଭିଯୋଗ କରି ଆସୁଛନ୍ତି ।ଗତ ସପ୍ତାହରେ ସେ କହିଥିଲେ, ସବୁ ସ୍ଥାନରେ ଖୋଳାଖୋଳି କଲେ ଆମେ କୌଣସି ସମାଧାନର ରାସ୍ତା ପାଇବା ନାହିଁ । ଆମ ଦେଶରେ ଧର୍ମସ୍ଥଳୀ ଆଇନ ରହିଛି । ଏହି ଆଇନରେ ଖୋଳାଖୋଳିକୁ ବାରଣ କରାଯାଇଛି । ସେମାନେ ୧୦ ବର୍ଷ ହେଲା ଦିଲ୍ଲୀରେ କ୍ଷମତାରେ ରହିଛନ୍ତି । ଏଥିସହ ୭ ବର୍ଷ ହେଲା ଉତ୍ତର ପ୍ରଦେଶରେ ତାଙ୍କ ସରକାର ରହିଛି । ଏହି ସମୟରେ ବେକାରୀ ସମସ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ।

# ୨୦ ବର୍ଷ ପଛକୁ ଦେଖୁ କଂଗ୍ରେସ

## ବିବାଦ ଭିତରେ ପି.ଭି ନରସିଂହ ରାଓଙ୍କ ଭାଇ ଜବାବ

ନୂଆଦିଲ୍ଲୀ,୩୦।୧୨:(ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅନ୍ତିମ ସଂସ୍କାରକୁ ନେଇ ରାଜନୀତି ଚରମ ସୀମାରେ ରହିଛି ଏବଂ ଭାଜପା ଏବଂ କଂଗ୍ରେସ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି । ଗୋଟିଏ ପଟେ କଂଗ୍ରେସ ନିଗମ ବୋଧ ଘାଟରେ ବିଶୃଙ୍ଖଳା ଅଭିଯୋଗ କରିଥିବାବେଳେ ଭାଜପା ଏହାର ଉତ୍ତର ଦେଇ ଶସ୍ତା ରାଜନୀତି କରୁଛି ବୋଲି କହିଛି । ଏସବୁ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓଙ୍କ ଭାଇଙ୍କ ପ୍ରତିକ୍ରିୟା ଆସିଛି ଯେଉଁଥିରେ ସେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ।





ନ୍ୟୁଜ ଏଜେନ୍ସି ଏଏନଆଇକୁ ସୂଚନା ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଭାଇ ମନୋହର ରାଓ କହିଛନ୍ତି, କଂଗ୍ରେସ ସେମାନଙ୍କ ନେତା ପି.ଭି ନରସିଂହ ରାଓଙ୍କୁ କେତେ ସମ୍ମାନ ଦେଇଛି ତାହା ଦେଖିବା ପାଇଁ ୨୦ ବର୍ଷ ପଛକୁ ଦେଖିବା ଉଚିତ୍ ।ଏପରିକି ସୋନିଆ ଗାନ୍ଧୀ ତାଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇନଥିଲେ । ତାଙ୍କର କୌଣସି ପ୍ରତିମୂର୍ତ୍ତି କଂଗ୍ରେସ ନିର୍ମାଣ କରି ନାହିଁ କିମ୍ବା ତାଙ୍କୁ ଭାରତ ରତ୍ନ ଦେଇନାହିଁ । ଆପଣଆପଣଙ୍କର ଔପଚାରିକତା ପୂରଣ କରନ୍ତୁ । ଡକ୍ଟର ମନମୋହନ ସିଂଙ୍କ ସ୍ମାରକ ପାଇଁ ଭାଜପା ନିଶ୍ଚିତ ଭାବରେ ତାଙ୍କୁ ଜମି ଦେବ । ରାଓଙ୍କ ପାଇଁ ଏଆଇସିସି କାର୍ଯ୍ୟାଳୟର କବାଟ ମଧ୍ୟ ଖୋଲାଯାଇ ନଥିଲା ।

କଂଗ୍ରେସର ଅଭିଯୋଗ ଉପରେ ସେ କହିଛନ୍ତି, ମନମୋହନ ସିଂଙ୍କୁ ଠିକ ଭାବେ ଦାହ କରାଯାଇ ନାହିଁ ବୋଲି କଂଗ୍ରେସ ଲୋକ ଭାଜପା ଉପରେ ଅଭିଯୋଗ କରୁଛନ୍ତି । ସେ ପଛକୁ ଚାହିଁ ମନମୋହନ ସିଂ ସରକାର ସମୟରେ ତାଙ୍କ ଗୁରୁ ପିଭି ନରସିଂହ ରାଓଙ୍କୁ କେଉଁ ସମ୍ମାନ ପ୍ରଦାନ କରାଯାଇଥିଲା ତାହା ଦେଖିବା ଉଚିତ୍ । ଦିଲ୍ଲୀରେ ତାଙ୍କ ପାଇଁ ୨ଗଜ ଜମିଉପଲବ୍ଧ ନଥିଲା । ଆଜିମନମୋହନ ସିଂଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପୁରା କ୍ୟାବିନେଟ ଉପସ୍ଥିତ ଥିଲେ । କିନ୍ତୁ ପିଭି ନରସିଂହ ରାଓଙ୍କ ସମୟରେ କିଏ ଆସିଥିଲେ, ଏପରିକି ସୋନିଆ ଗାନ୍ଧୀ ମଧ୍ୟ ଆସି ନଥିଲେ । ସେ ହାଇଦ୍ରାବାଦ ତ ଆସି ପାରିଥାନ୍ତେ ।

# ଆଜି ୧୦ ଘଣ୍ଟିଆ ପଞ୍ଜାବ ବନ୍ଦ

ଚଣ୍ଡିଗଡ଼ ୩୦।୧୨ : ସରକାରଙ୍କ ପକ୍ଷରୁ ଏମଏସପି ସମେତ ୧୩ ଦଫା ଦାବି ପୂରଣ ନ ହେବାରୁ କୃଷକ ସଂଗଠନ ପକ୍ଷରୁ ଆସନ୍ତାକାଲି ୩୦ ଡିସେମ୍ବରରେ ପଞ୍ଜାବ ବନ୍ଦ କରିବାକୁ ଡାକରା ଦିଆଯାଇଛି । ସୋମବାର ଦିନ ପଞ୍ଜାବ ସକାଳ ୭ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ । ଏହି ଅବଧି ମଧ୍ୟରେ, ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସବୁକିଛି ବନ୍ଦ ରହିବ ରାସ୍ତା, ରେଳ, ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାକୁ କୃଷକ ନେତାମାନେ ଆହ୍ୱାନ ଦେଇଛନ୍ତି । କୃଷକ ନେତା ସେରଭ ସିଂ ପନ୍ଧେର ପଞ୍ଜାବ ବନ୍ଦ ଡାକରାକୁ ନିଶ୍ଚିତ କରି କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ସୁପ୍ରିମକୋର୍ଟର ବିଚାରପତିଙ୍କୁ ଚିଠି ଲେଖିଛନ୍ତି, କିନ୍ତୁ ସେମାନଙ୍କଠାରୁ କେଣସି ପ୍ରତିକ୍ରିୟା ମିଳିନାହିଁ । ତେଣୁ ପଞ୍ଜାବ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି ୟୁନାଇଟେଡ୍ କିସାନ୍ ମୋର୍ଚ୍ଚା ଦ୍ୱାରା ପଞ୍ଜାବ ବନ୍ଦ ଡାକରା ଦିଆଯାଇଛି । ବନ୍ଦ ସଫଳ ହେବାରେ ସହଯୋଗ କରିବାକୁ ପଞ୍ଜାବର କୃଷକମାନଙ୍କୁ କୃଷକ ନେତା ନିବେଦନ କରିଛନ୍ତି ।

# ମନ୍ତ୍ରୀଙ୍କୁ ଦାୟୀ କରି ଆତ୍ମହତ୍ୟା କଣ୍ଟ୍ରାକ୍ଟର

ବେଙ୍ଗାଲୁରୁ,୩୦।୧୨(ଏଜେନସି): କର୍ଣ୍ଣାଟକାର ବିଦାର ଜିଲ୍ଲାରେ ଜଣେ ୨୬ ବର୍ଷୀୟ କଣ୍ଟ୍ରାକ୍ଟର ଆତ୍ମହତ୍ୟା କରିବା ପରେ ରାଜନୀତିକ ବିବାଦ ତୀବ୍ର ହୋଇଛି । ରାଜ୍ୟରେ କ୍ଷମତାସୀନ କଂଗ୍ରେସକୁ ବିରୋଧୀ ବିଜେପି ଏହି ଘଟଣା ପାଇଁ ଦାୟୀ କରିଛି । ରାଜ୍ୟର ମନ୍ତ୍ରୀ ପ୍ରିୟଙ୍କ ଖଡଗେଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କୁ ଦାୟୀ କରି ଯୁବ କଣ୍ଟ୍ରାକ୍ଟର ଜଣଙ୍କ ଜୀବନ ହାରିଛନ୍ତି ।ତେଣୁ ବିଜେପି ଏବେ ଖଡଗେଙ୍କୁ ଟାର୍ଗେଟ କରି ତାଙ୍କ ଇସ୍ତଫା ଦାବି କରିଛି ।



ଗୁରୁବାର ୨୬ ବର୍ଷୀୟ ସଚିନ ପଞ୍ଚଲ ଟ୍ରେନ ଆଗକୁ ଡେଇଁ ଜୀବନ ହାରିଥିଲେ । ଆତ୍ମହତ୍ୟା କରିବା ପୂର୍ବରୁ ସେ ୭ ପୃଷ୍ଠାର ସୁଇସାଇଡ ନୋଟ ଛାଡ଼ିଯାଇଛନ୍ତି ।ଏଥିରେ ସେ ଆତ୍ମହତ୍ୟା ପାଇଁ ମନ୍ତ୍ରୀ ପ୍ରିୟଙ୍କ ଖଡଗେଙ୍କ ଘନିଷ୍ଠ ସହଯୋଗୀ ରାଜୁ କାପାନୁରଙ୍କୁ ଦାୟୀ କରିଛନ୍ତି ।ରାଜୁ ତାଙ୍କୁ ବଟି ମାଗିବା ସହ ଗୋଟିଏ ଟେଣ୍ଡର ପ୍ରସଙ୍ଗରେ ହତ୍ୟା ଧମକ ଦେଇଥିଲେ ବୋଲି ସଚିନ ଅଭିଯୋଗ କରିଛନ୍ତି ।ଏଥିସହ ସେ ଆହୁରି କହିଛନ୍ତି ଯେ ରାଜୁ ତାଙ୍କ ଠାରୁ ୧୫ ଲକ୍ଷ ଟଙ୍କା ଠକି ନେଇଥିବା ବେଳେ ଆଉ ୧ କୋଟି ଟଙ୍କା ମାଗୁଛନ୍ତି ।ସଚିନଙ୍କ ଏପରି ଅଭିଯୋଗକୁ ନେଇ ବିଜେପି ନେତାମାନେ କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖଡଗେଙ୍କ ପୁଅ ତଥା ରାଜ୍ୟର ମନ୍ତ୍ରୀ ପ୍ରିୟଙ୍କ ଖଡଗେଙ୍କୁ ଟାର୍ଗେଟ କରିଛନ୍ତି ।। କର୍ଣ୍ଣାଟକା ବିଧାନସଭାର ବିରୋଧୀ ଦଳ ନେତା ଆର ଅଶୋକ କହିଛନ୍ତି ଯେ ଖଡଗେ ପରିବାର ପାଇଁ କଣ ଆମ୍ବେଦକରଙ୍କ ସମ୍ବିଧାନ ଲାଗୁ ହେଉ ନାହିଁ ? ପ୍ରିୟଙ୍କ ଖଡଗେ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ ବିଜେପି ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ମଧ୍ୟ ପ୍ରିୟଙ୍କ ଖଡଗେ ଓ କଂଗ୍ରେସ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିଜେପି ମୁଖପାତ୍ର ଶେହଜାଦ ପୁନାଲା ମଧ୍ୟ ଜୁନିୟର ଖଡଗେଙ୍କ ଇସ୍ତଫା ଦାବି କରିଛନ୍ତି ।

# ମନମୋହନଙ୍କୁ ନେଇ ରାଜନୀତି ଦୁଃଖଦାୟକ : ଓମର

**ଶ୍ରୀନଗର,୩୦।୧୨ :** ଜାମ୍ମୁକଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ ମନମୋହନ ସିଂ ଜୀଙ୍କ ମୃତ୍ୟୁକୁ ନେଇ ରାଜନୀତି କରାଯିବା ଅତ୍ୟନ୍ତ ଦୁଃଖଦାୟକ ।ମନମୋହନ ସିଂ ଜୀ ଜାମ୍ମୁକଶ୍ମୀର ପାଇଁ ବହୁତ କିଛି କରିଥିଲେ । ବୋଧେ କେହି ଏମିତି ପ୍ରଧାନମନ୍ତ୍ରୀ ନଥିବେ ଯିଏ ଜାମ୍ମୁକଶ୍ମୀର ପାଇଁ ଏତେ କିଛି କରିଥିବେ । ମନମୋହନ ସିଂ ଜୀଙ୍କ ଶାସନ ସମୟରେ ଜାମ୍ମୁକଶ୍ମୀରକୁ ବହୁତ କିଛି ମିଳିଥିଲା । ବାନିହାଲରେ ନିର୍ମି;ତ ଟନେଲକୁ ମନମୋହନ ସିଂ ଜୀଙ୍କ ନାମରେ ନାମିତ କରାଯିବା ଉଚିତ ମନମୋହନ ସିଂ ଜୀ ପରି ନେତାମାନେ କ୍ୱଚିତ ଦେଖିବାକୁ ମିଳେ ।

# ଏଚ୍- ୧ ବି ଭିସାକୁ ଟ୍ରମ୍ପଙ୍କ ସମର୍ଥନ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଆମେରିକାରେ ଏଚ୍-୧ବି ଭିସାକୁ ନେଇ ଲାଗିରହିଥିବା ବିତର୍କରେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଭିସାକୁ ସମର୍ଥନ କରିଛନ୍ତି । ତାଙ୍କ ଦଳ ବିରୋଧରେ ଏହି ଭିସାକୁ କିଛି ଲୋକ ବିରୋଧ ଓ ଆଉ କିଛି ସମର୍ଥନ କରୁଛନ୍ତି । ସମର୍ଥନ କରୁଥିବା ଲୋକଙ୍କ ଭିତରେ ଟେସ୍ଲାର ମୁଖ୍ୟ ଏଲନ୍ ମସ୍କ ରହିଛନ୍ତି । ଟ୍ରମ୍ପ୍ ଏହି ପ୍ରସଙ୍ଗରେ ମସ୍କଙ୍କୁ ସମର୍ଥନ କରୁଛନ୍ତି । ଏଚ୍-୧ବି ଭିସା ହେଉଛି ଆମେରିକାର ଏକ ଗରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯାହା ଜରିଆରେ ଆମେରିକୀୟ କମ୍ପାନୀଗୁଡ଼ିକ ନିଜ ଲାଗି ପ୍ରତିଭାବାନ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି ।ଆମେରିକା ରାଷ୍ଟ୍ରପତି ନିର୍ବାଚନ ବେଳେ ଇମିଗ୍ରେସନ ଏକ ମୁଖ୍ୟ ପ୍ରସଙ୍ଗ ଥିଲା ।ତେଣୁ ଟ୍ରମ୍ପଙ୍କ ସମର୍ଥକ ଭାବେ ଏକ କଡ଼ା ଇମିଗ୍ରେସନ ନିୟମ ଲାଗୁ କରିବାକୁ ଦାବି କରୁଛନ୍ତି । ତାହା ହେଲେ ଏଚ୍-୧ବି ଭିସା କାର୍ଯ୍ୟକ୍ରମ ପ୍ରଭାବିତ ହେବା ଆଶଙ୍କା ରହିଛି । ସେଥିପାଇଁ ମସ୍କ ଏହି କାର୍ଯ୍ୟକ୍ରମକୁ ସମର୍ଥନ ଦେଇ ଇମିଗ୍ରେସନ ନୀତି ସମର୍ଥକଙ୍କ ରୋଷର ଶିକାର ହୋଇଛନ୍ତି । ଏହି ପ୍ରସଙ୍ଗରେ ଟ୍ରମ୍ପ ମୁହଁ ଖୋଲିବା ସହ କହିଛନ୍ତି ଯେ ମୋ କମ୍ପାନୀରେ ବହୁ ସଂଖ୍ୟକ କର୍ମଚାରୀ ଏଚ୍-୧ବି ଭିସାରେ ଆସିଛନ୍ତି । ମୁଁ ଏଚ୍-୧ବି ଭିସା ଉପରେ ବିଶ୍ୱାସ କରେ । ତାହାକୁ ମୁଁ ଅନେକ ଥର ବ୍ୟବହାର କରିଛି । ତାହା ଏକ ବହୁତ ଭଲ କାର୍ଯ୍ୟକ୍ରମ ବୋଲି ଟ୍ରମ୍ପ୍ କହିଛନ୍ତି । ଭିସା କାର୍ଯ୍ୟକ୍ରମର ସୁରକ୍ଷା ଲାଗି ଲଢେ଼ କରିବାକୁ ମସ୍କ ସୋସିଆଲ ମିଡିଆରେ ଆହ୍ୱାନ ଦେବା ପରେ ତାହା ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଥିଲା । ଭାରତୀୟ-ଆମେରିକୀୟ ଭେଞ୍ଚର କ୍ୟାପିଟାଲିଷ୍ଟ ଶ୍ରୀରାମ କ୍ରିଷ୍ଣନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପାଇଁ ନିଯୁକ୍ତି ଦେବା ଲାଗି ଟ୍ରମ୍ପ୍ ନେଇଥିବା ନିଷ୍ପତ୍ତିକୁ ଦକ୍ଷିଣପନ୍ଥୀମାନେ କଡ଼ା ସମାଲୋଚନା କରିଛନ୍ତି । ଏଚ୍-୧ବି ଭିସାକୁ ଟ୍ରମ୍ପ୍ ସମର୍ଥନ କରିବା ପରେ ତାଙ୍କର ଜଣେ ବଡ଼ ସମର୍ଥନ ଷ୍ଟିଭ୍ କ୍ୟାନନ୍ ତାହାକୁ କଡ଼ା ସମାଲୋଚନା କରିଛନ୍ତି । ପ୍ରଯୁକ୍ତି କମ୍ପାନୀଗୁଡ଼ିକ ବିଦେଶୀ କର୍ମଚାରୀଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛନ୍ତି ଓ ସେଥିପାଇଁ ଆମେରିକୀୟଙ୍କ ମଜୁରି କମ୍ ରହୁଥିବା ସେ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ସେ ମସ୍କଙ୍କୁ ଜଣେ ଶିଶୁ ଆଖ୍ୟା ଦେଇଛନ୍ତି । ମସ୍କ ନିଜେ ଏଚ-୧ବି ଭିସାରେ ଆମେରିକା ଆସିଥିଲେ । ତାଙ୍କ କମ୍ପାନୀ ଟେସ୍ଲା ଚଳିତ ବର୍ଷ ୭୨୪ଟି ଏଚ୍-୧ବି ଭିସା ହାସଲ କରିଛି । ମସ୍କ କହିଛନ୍ତି ଯେ କାର୍ଯ୍ୟକ୍ରମ ଆମେରିକାକୁ ପ୍ରତିଦ୍ୱନ୍ଦ୍ୱିତାରେ ଆଗରେ ରଖୁଛି । ସାରା ବିଶ୍ୱ ଉପରେ ବିଜୟ ଜାରି ରଖିବାକୁ ହେଲେ ବିଭିନ୍ନ ଦେଶରୁ ପ୍ରତିଭାବାନ ଇଞ୍ଜିନିୟର ଦରକାର ବୋଲି ସେ କହିଛନ୍ତି । ଏଚ୍-୧ବି ଭିସା ଆମେରିକାରେ ସର୍ବଦା ଏକ ରାଜନୈତିକ ପ୍ରସଙ୍ଗ ହୋଇରହିଛି । ବିଶେଷ କରି ବେକାରୀ ସମସ୍ୟା ବିବା ବେଳେ ତାହାକୁ ସମାଲୋଚକମାନେ ଟାର୍ଗେଟ୍ କରିଥାନ୍ତି । ବିଶ୍ୱର ଯେଉଁ କେତେକ ଦେଶ ଏହି କାର୍ଯ୍ୟକ୍ରମ ଦ୍ୱାରା ବିଶେଷ ଭାବେ ଲାଭବାନ ହୋଇଛନ୍ତି, ତା' ମଧ୍ୟରେ ଭାରତର ନାମ ରହିଛି । ଆମେରିକାର ପ୍ରଯୁକ୍ତି ଦୁନିଆରେ ବହୁ ସଂଖ୍ୟାରେ ପ୍ରବାସୀ ଭାରତୀୟ ଉଚ୍ଚ ପଦପଦବୀରେ ରହି କାର୍ଯ୍ୟ କରୁଛନ୍ତି ।



# ୨୦ଟି ସ୍ମାର୍ଟଫୋନରେ କାମ କରିବ ନାହିଁ ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ହ୍ୱାଟ୍ସଆପ୍ ବ୍ୟବହାରୀଙ୍କ ପାଇଁ ଏକ ବଡ଼ ଖବର ଆସିଛି । ଇନଷ୍ଟାଣ୍ଟ ମେସେଜିଂ ପ୍ଲାଟଫର୍ମ ଭାବେ ବେଶ ଲୋକପ୍ରିୟତା ଅର୍ଜନ କରିଥିବା ହ୍ୱାଟସ ଆପ ନୂଆବର୍ଷ ପହିଲାରୁ କିଛି ନିର୍ଦ୍ଦିଷ୍ଟ ଆଣ୍ଡ୍ରଏଡ ସ୍ମାର୍ଟଫୋନରେ ଆଉ କାମ କରିବନି । ୨୦୨୫ ଜାନୁଆରୀ ୧ ତାରିଖଠାରୁ ପ୍ରାୟ ୨୦ଟି ସ୍ମାର୍ଟଫୋନରେ ଏହି ଆପ୍ ଆଉ ଚାଲିବ ନାହିଁ । ଏଥିରେ ଲୋକପ୍ରିୟ ବ୍ରାଣ୍ଡର ସ୍ମାର୍ଟଫୋନ ସାମସଙ୍ଗର ଗାଲାକ୍ସି ଏସ୩, ଗାଲାକ୍ସି ନୋଟ ୨, ଗାଲାକ୍ସି ଏସିଇ ୩, ଗାଲାକ୍ସି ଏସ୪ମିନି ରହିଛି । ସେହିପରି ମୋଟୋରୋଲାର ମୋଟୋ ଜି, ରାଜର ଏଚଡି, ମୋଟୋ ଇ ୨୦୨୪, ଏଚଟିସି, ୱାନ ଏକ୍ସ , ୱାନ ଏକ୍ସ ପ୍ଲସ, ଡିଜାୟାର ୫୦୦ ଓ ଡିଜାୟାର ୬୦୧ ରହିଛି । ଏହି କ୍ରମରେ ଦେଖିବାକୁ ଗଲେ ଏଲଜିର ଅପ୍ଟିମସ୍ ଜି, ନେକ୍ସସ ୪, ଜି୨ ମିନି ଓ ଏଲ ୯୦ରେ ଆଉ ହ୍ୱାଟସ ଆପ କାମ କରିବ ନାହିଁ । ହ୍ୱାଟ୍ସଆପ୍ ପ୍ଲାଟଫର୍ମରେ ନୂଆ ଅପଡେଟ ଆଣିବା ଲାଗି ଲଗାତାର ଭାବରେ କାମ କରୁଛି । ଯାହାଦ୍ୱାରା ୟୁଜର ଅଧିକ ଭଲ ସେବା ପାଇବା ସହିତ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରହିବ ।

# ଆଇନ ଆଗରେ ସମସ୍ତେ ସମାନ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ହାଇଦ୍ରାବାଦ ସାନ୍ଧ୍ୟା ଥିଏଟର ଦଳାଚକଟା ମାମଲାକୁ ନେଇ ସାରା ଦେଶରେ ଚର୍ଚ୍ଚା ଥମିନାହିଁ । ଏହି ପ୍ରସଙ୍ଗରେ ବିଭିନ୍ନ ରାଜନେତା ଓ ଅଭିନେତାମାନେ ନିଜ ନିଜ ପ୍ରତିକ୍ରିୟା ରଖୁଥିବାବେଳେ ଅଭିନେତାରୁ ନେତା ପାଲଟିଥିବା ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣ ଏହି ପ୍ରସଙ୍ଗରେ ନିଜର ମତ ରଖିଛନ୍ତି । ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ସେ ଉଚିତ ବୋଲି ଦର୍ଶାଇଛନ୍ତି, ଯାହା ଜାତୀୟ ରାଜନୀତିରେ ଆଲୋଚନାର ପ୍ରସଙ୍ଗ ପାଲଟିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ପଓ୍ୱନ କଲ୍ୟାଣ କହିଛନ୍ତି ଯେ ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ କାର୍ଯ୍ୟ କରିବା ଉଚିତ । କେବଳ ସେତିକି ନୁହେଁ, ଜନସେନା ପାର୍ଟି ଅଧ୍ୟକ୍ଷ ତଥା ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟର ବରିଷ୍ଠ ସଦସ୍ୟ ପଓ୍ୱନ କଲ୍ୟାଣ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ପ୍ରଶଂସା କରିଛନ୍ତି । ରେବନ୍ତ ଜଣେ ମହାନ ନେତା ବୋଲି କହିଛନ୍ତି ପଓ୍ୱନ । ସେ ଅଲ୍ଲୁ ଅର୍ଜୁନଙ୍କୁ ମଧ୍ୟ କହିଛନ୍ତି ଯେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ମହିଳାଙ୍କ ପରିବାରକୁ ସେ ପ୍ରଥମେ ଭେଟିବା ଉଚି୍ ଥିଲା । ସୋମବାର ମଙ୍ଗଳାଗିରିରେ ସାମ୍ବାଦିକମାନଙ୍କ ସହ ଏକ ଅନୌପଚାରିକ ବାର୍ତ୍ତାଳାପରେ ଅଭିନେତା ତଥା ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ହାଇଦ୍ରାବାଦ ଦଳାଚକଟା ଘଟଣା ଉପରେ ନିଜର ପ୍ରତିକ୍ରିୟା ରକିଥିଲେ । ସେ କହିଛନ୍ତି ଯେ ପୁଲିସ ଅଧିକାରୀଙ୍କ ପାଇଁ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ଜରୁରୀ ଅଟେ । ଆଇନ ସମସ୍ତଙ୍କ ପାଇଁ ସମାନ । ଏଭଳି ଘଟଣାରେ ପୁଲିସ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିଥାଏ । ତେବେ ଥିଏଟର କର୍ମଚାରୀମାନେ ଅଲ୍ଲୁ ଅର୍ଜୁନଙ୍କ ଆସିବା ବିଷୟରେ ଆଗରୁ ପୁଲିସକୁ ଜଣାଇବା ଉଚିତ୍ ଥିଲା । ସେମାନେ ଦାୟିତ୍ୱହୀନ ଭାବେ ବସି ପଡ଼ିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା ଏବଂ ଏହାକୁ ସମ୍ଭାଳିବା କଷ୍ଟକର ହୋଇଗଲା । ବଡ଼ କଥା ହେଉଛି, ପଓ୍ୱନ କଲ୍ୟାଣ କହିଛନ୍ତି ଯେ ତାଙ୍କ ବଡ଼ ଭାଇ ଚିରଞ୍ଜୀବୀ ମଧ୍ୟ ତାଙ୍କ ଚଳଚ୍ଚିତ୍ରର ପ୍ରିମିୟରରେ ଯୋଗ ଦେଉଥିଲେ, କିନ୍ତୁ ଏଭଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହେବା ପାଇଁ ସେ ପ୍ରାୟତଃ ମାସ୍କ ପିନ୍ଧୁଥିଲେ । କଥା ଏତିକିରେ ସରିଯାଇନି । ଆନ୍ଧ୍ରର ଉପମୁଖ୍ୟମନ୍ତ୍ରୀ ତଥା ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟର ବରିଷ୍ଠ



ପଓ୍ୱନ କଲ୍ୟାଣ ହେଉଛନ୍ତି ଅଲ୍ଲୁଅର୍ଜୁନଙ୍କ ସମ୍ପର୍କୀୟ ଅଲ୍ଲୁ ଅର୍ଜୁନଙ୍କ ମାଉସୀ ସୁରେଖା ଲୋକପ୍ରିୟ ଅଭିନେତା ଚିରଞ୍ଜୀବୀଙ୍କୁ ବିବାହ କରିଛନ୍ତି ଏବଂ ଚିରଞ୍ଜୀବୀ ହେଉଛନ୍ତି ପଓ୍ୱନ କଲ୍ୟାଣଙ୍କ ବଡ ଭାଇ । ଯେତେବେଳେ ପଓ୍ୱନ କଲ୍ୟାଣଙ୍କୁ ପଚରାଯାଇଥିଲା ଯେ ଏଭଳି ଘଟଣାକୁ ରୋକିବା ପାଇଁ ଅଭିନେତା କଣ କରିପାରିଥାନ୍ତେ, ସେ କହିଛନ୍ତି ଯେ ଯଦି ଅଲ୍ଲୁ ଅର୍ଜୁନ ପୀଡିତ ପରିବାରକୁ ପୂର୍ବରୁ ଭେଟିଥାନ୍ତେ, ତେବେ ଭଲ ହୋଇଥାନ୍ତା । ସଦସ୍ୟ ପଓ୍ୱନ କଲ୍ୟାଣ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ରେବନ୍ତ ଜଣେ ଏପରି ନେତା, ଯିଏ ସାଧାରଣ ପୃଷ୍ଠଭୂମିରୁ ଉପରକୁ ଆସିଛନ୍ତି । ପଓ୍ୱନ କଲ୍ୟାଣ କହିଛନ୍ତି, ରେବନ୍ତ ରେଡ୍ଡୀ ଜଣେ ମହାନ ନେତା । ସେ ଶଝଜଉ ଭଳି କାର୍ଯ୍ୟ କରନ୍ତି ନାହିଁ । ତଥାପି ଏହି ମାମଲାରେ ମୁଁ ଅଲ୍ଲୁ ଅର୍ଜୁନଙ୍କ ସହ କ'ଣ ଘଟିଛି ତାହା ଭଲ ଭାବେ ଜାଣି ନାହିଁ ।

# ଶିକ୍ଷାର୍ଥୀଙ୍କୁ ପିଟିଲା ଓ ପାଣି ମାଡ଼ କଲା ପୁଲିସ

ପାଟନା,୩୦।୧୨: ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍ସି) ଆଶାୟୀଙ୍କ ଉପରେ ପୁଲିସ୍ର ବର୍ବରତା ସବୁ ସୀମା ଟପିଛି । ଶିକ୍ଷାର୍ଥୀମାନେ ୭୦ତମ ଯୁଗ୍ମ ପ୍ରବେଶିକା ପରୀକ୍ଷା (ସିସିଇ) ପୁଣି କରିବାକୁ ପାଟନାରେ ନିଜର ଆନ୍ଦୋଳନ ତୀବ୍ର କରିଛନ୍ତି । ଶିକ୍ଷାର୍ଥୀମାନେ ପୁନଃ ପରୀକ୍ଷା ଦାବି କରୁଥିବା ବେଳେ ପୁଲିସ୍ ସେମାନଙ୍କ ଉପରେ । ଲାଠିଚାର୍ଜ କରିଛି ଶୀତୁଆ । ସନ୍ଧ୍ୟାରେ ସେମାନଙ୍କୁ ପାଣି ମାଡ଼ କରାଯାଇଛି ।



ଡିସେମ୍ବର ୧୩ରେ ହୋଇଥିବା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଜି ହଜାର ହଜାର ଶିକ୍ଷାର୍ଥୀ ଗାନ୍ଧି ମୈଦାନ ନିକଟରେ ଏକାଠି ହୋଇଥିଲେ । ଏହାପରେ ସେମାନେ ଜେପି ଗୋଲାମ୍ବର ଅଭିମୁଖେ ଶୋଭାଯାତ୍ରାରେ ବାହାରି ଥିଲେ । ଶିକ୍ଷାର୍ଥୀଙ୍କ ଆନ୍ଦୋଳନକୁ ଦେଖି ବ୍ୟାରିକେଡ କରାଯିବା ସହ ବିପୁଳ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ ହୋଇଥିଲା । ଶିକ୍ଷାର୍ଥୀମାନେ ଆଗକୁ ବଢ଼ିବାରୁ ସେମାନଙ୍କୁ ପୁଲିସ୍ ପ୍ରବଳ ପିଟିବା ସହ ପାଣି ମାଡ଼ କରିଛନ୍ତି । ଜନ ସୁରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ମଧ୍ୟ ଆନ୍ଦୋଳନରେ ସାମିଲ ହୋଇ ଶିକ୍ଷାର୍ଥୀଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ । ସେ ମଧ୍ୟ ଶିକ୍ଷାର୍ଥୀଙ୍କ ସହ ମିଶି ଜେପି ଗୋଲାମ୍ବର ଶୋଭାଯାତ୍ରା କରିଥିଲେ । ୫ ଜଣିଆ ଛାତ୍ର ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସେମାନଙ୍କ ଦାବି ଉପସ୍ଥାପନ କରିବେ ବୋଲି ସେ ଘୋଷଣା କରିଥିଲେ ।

ବାପୁ ପରୀକ୍ଷା ପରିସର ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ କରି ହଜାର ହଜାର ଶିକ୍ଷାର୍ଥୀ ୧୦ ଦିନ ହେଲା ଆନ୍ଦୋଳନ ଜାରି ରଖିଛନ୍ତି । ବିପିଏସ୍ସି ଉକ୍ତ ପରୀକ୍ଷା କେନ୍ଦ୍ରରେ ପୁନଃ ପରୀକ୍ଷା କରିଥିବା ବେଳେ ଅନିୟମିତତା ସୀମିତ ଥିବାରୁ ପୂରା ପରୀକ୍ଷାକୁ ବାତିଲ କରାଯିବାର ଆବଶ୍ୟକ ନାହିଁ ବୋଲି କମିଶନ କହିଛନ୍ତି । ତେବେ ପୁନଃ ପରୀକ୍ଷା ଦାବିରେ ଶିକ୍ଷାର୍ଥୀମାନେ ଆଜି ଆନ୍ଦୋଳନ କରୁଥିବା ବେଳେ ପୁଲିସ୍ ସହ ମୁହାଁମୁହିଁ ହୋଇଛନ୍ତି ।

# ସମୁଦ୍ରରେ ପୁଣି ଏକ ଦୁର୍ଘଟଣା

ମୁମ୍ବାଇ,୩୦।୧୨(ଏଜେନ୍ସି): ମୁମ୍ବାଇ ନିକଟ ସମୁଦ୍ରରେ ଆଜି ଆଉ ଏକ ବୋଟ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ଏକ ମାଲବାହୀ ଜାହାଜ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ତେବେ ବର୍ତ୍ତମାନ ସୁଦ୍ଧା ଏହି ଦୁର୍ଘଟଣାରେ କୌଣସି କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ । କୁହାଯାଉଛି ଯେ ଶନିବାର ବିଳମ୍ବିତ ରାତିରେ ଚାଇନାର କଲ୍ ସିଙ୍ଗ୍ ବିଟିଏସ୍ ଫ୍ଲାଗ୍ କାର୍ଗୋ ଜାହାଜ ସହିତ ମତ୍ସ୍ୟଜୀବୀଙ୍କ ଏକ ଡଙ୍ଗା ଧକ୍କା ହୋଇଥିଲା ଏହି ଦୁର୍ଘଟଣା ରାତି ପ୍ରାୟ ୧୨ଟା ସମୟରେ ଘଟିଥିଲା ।

ଏକ ମାଲବାହୀ ଜାହାଜ ସହିତ ଧକ୍କା ହେବା ପରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ସମୁଦ୍ରରେ ବୁଡ଼ିବାକୁ ଲାଗିଲା ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ବୁଡ଼ି ଯାଉଥିବା ଡଙ୍ଗାକୁ ବଞ୍ଚାଇବା ପାଇଁ ନିକଟରେ ଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା ପହଞ୍ଚିଥିଲା ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ନୌସେନା ଏବଂ କୋଷ୍ଟଗାର୍ଡ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ । ଯାହା ପରେ ଉଦ୍ଧାର କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇଥିଲା । ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ, ଏହି ସମଗ୍ର ଘଟଣାରେ କୌଣସି କ୍ଷୟକ୍ଷତି କିମ୍ବା ଆଘାତ ବିଷୟରେ କୌଣସି ସୂଚନା ନାହିଁ ଏହାପୂର୍ବରୁ ଡିସେମ୍ବର ୧୮ରେ ମୁମ୍ବାଇ ଉପକୂଳ ନିକଟରେ ଏକ ନୌସେନା ବୋଟ ଏକ ଯାତ୍ରୀବାହୀ ବୋଟକୁ ଧକ୍କା ଦେଇଥିଲା ଏହି ଦୁର୍ଘଟଣାରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା ନୌସେନା ଜାହାଜ ଇଞ୍ଜିନ ପରୀକ୍ଷଣ ପାଇଁ ଯାଉଥିଲା, କିନ୍ତୁ ଅପରାହ୍ନ ୪ଟାରେ ଏହା ନିୟନ୍ତ୍ରଣ ହରାଇ କରଞ୍ଜା ନିକଟରେ ନୀଳକମଳ ନାମକ ଏକ ଡଙ୍ଗା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା ଏହି ଡଙ୍ଗା ଭାରତର ଗେଟରୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ 'ଏଲିଫେଣ୍ଟ' ଦ୍ୱୀପକୁ ଯାତ୍ରୀମାନଙ୍କୁ ନେଇ ଯାଉଥିଲା ।

# କଂଗ୍ରେସୀ କେବଳ ଫଟୋ ଉଠାଇବାକୁ ଆସନ୍ତି : ହରଦୀପ ସିଂ ପୁରୀ

ନୂଆଦିଲ୍ଲୀ,୩୦।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସ୍ମାରକୀ ଓ ଅନ୍ତିମ ସଂସ୍କାରକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି । ଡ. ସିଂହଙ୍କ ସ୍ମାରକୀ ପାଇଁ ଜମି ଆବଣ୍ଟନ ଏପର୍ଯ୍ୟନ୍ତ କାହିଁକି ହୋଇନାହିଁ ଏବଂ କାହିଁକି ବିଳମ୍ବ ହେଉଛି ବୋଲି କଂଗ୍ରେସ ଲଗାତାର ପ୍ରଶ୍ନ କରୁଛି ।ଏହା ସହ ନିଗମ ବୋଧ ଘାଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାରକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି ।



ତେବେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଏହାର ଜବାବ ଦେଇ କହିଛନ୍ତି ଯେ କଂଗ୍ରେସ କର୍ମୀମାନେ କେବଳ ଫଟୋ ଉଠାଇବାକୁ ଆସନ୍ତି, କିନ୍ତୁ ଡକ୍ଟର ମନମୋହନ ସିଂହଙ୍କ ଅସ୍ଥି ବିସର୍ଜନ ସମୟରେ କେହି ପହଞ୍ଚି ନଥିଲେ ।

କେନ୍ଦ୍ରମନ୍ତ୍ରୀ କଂଗ୍ରେସର ଅଭିଯୋଗର ଜବାବ ଦେଇ କହିଛନ୍ତି ଯେ କଂଗ୍ରେସ ଭିତ୍ତିହୀନ ଅଭିଯୋଗ କରୁଛି ମନମୋହନ ସିଂହଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯାଇଛି । ସ୍ମାରକୀ ନିର୍ମାଣ ପାଇଁ ସରକାର ମଧ୍ୟ ରାଜି ଅଛନ୍ତି, କିନ୍ତୁ ସେଦିନର ପରିସ୍ଥିତି ଏପରି ଥିଲା ଯେ ଅନ୍ତିମ ସଂସ୍କାରକୁ ନେଇ କିଛି ସମସ୍ୟା ଥିଲା ସେ ସମୟରେ ଲଗାଣ ବର୍ଷା ଚାଲିଥିବାରୁ ଖୋଲାରେ ଅନ୍ତିମସଂସ୍କାର ସମ୍ଭବ ନଥିଲା । ଏହି କାରଣରୁ ନିଗମବୋଧ ଘାଟରେ ସଂସ୍କାର କରାଯାଇଥିଲା ।

କେନ୍ଦ୍ରମନ୍ତ୍ରୀ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କଂଗ୍ରେସ ନେତାମାନେ ସେଦିନ କେବଳ ଫଟୋ ଉଠାଇବା ପାଇଁ ପହଞ୍ଚୁଥିଲେ, କିନ୍ତୁ ଆଜି ଯେତେବେଳେ ଡ. ମନମୋହନ ସିଂହଙ୍କ ଅସ୍ଥି ବିସର୍ଜନ ପାଇଁ ଯିବାର ଥିଲା, ସେତେବେଳେ କୌଣସି କଂଗ୍ରେସ ନେତା ସେଠାରେ ପହଞ୍ଚି ନଥିଲେ ।

# ଭାରତର ଶୋଚନୀୟ ପରାଜୟ

## ୧୮୪ ରନରେ ଜିତିଲା ଅଷ୍ଟ୍ରେଲିଆ, ଭାରତ ୧୫୫ ରନ୍‌ରେ ଅଲ୍‌ଆଉଟ୍

ମେଲବୋର୍ଣ୍ଣ,୩୦।୧୨: ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ଠାରୁ ଭାରତ ଶୋଚନୀୟ ଭାବେ ପରାସ୍ତ ହୋଇଛି। ମେଲବର୍ଣ୍ଣରେ ଖେଳାଯାଇଥିବା ଏହି ମ୍ୟାଚରେ ୧୮୪ ରନରେ ପରାଜୟ ସହିତ ଭାରତୀୟ ଦଳ ସିରିଜରେ ୨-୧ରେ ପଛରେ ପଡିଛି।କେବଳ ଏତିକି ନୁହେଁ, ବକ୍ସିଂ ଡେ ଟେଷ୍ଟରେ ପରାଜୟ ସହ ରୋହିତ ବାହିନୀ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପହଞ୍ଚିବା ଆଶା ମଧ୍ୟ ଏକ ପ୍ରକାର ମଉଳି ଯାଇଛି। ଜବରଦସ୍ତ ବ୍ୟାଟିଂ ଓ ବୋଲିଂ କରି ଅଧିନାୟକ କମିନ୍ସ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।



ଏହି ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରଥମ ଇନିଂସରେ ୪୭୪ ରନର ବିଶାଳ ସ୍କୋର କରିଥିଲା ଘରୋଇ ଦଳ ଯେଉଁଥିରେ ଷ୍ଟିଭ୍ ସ୍ମିଥଙ୍କ ୧୪୦ ରନର ଶତକୀୟ ପାଳି ସାମିଲ ଥିଲା। ଏହାର ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୩୬୯ ରନ୍ ହିଁ କରିପାରିଥିଲା। ୨୧ ବର୍ଷୀୟ ନୀତୀଶ କୁମାର ରେଡ୍ଡୀ ଭାରତ ପାଇଁ ୧୧୪ ରନର ଦମଦାର ଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ଶତକ ଥିଲା ତେବେ କଙ୍ଗାରୁ ଦଳ ପ୍ରଥମ ଇନିଂସ ଆଧାରରେ ଭାରତୀୟ ଦଳ ଉପରେ ୧୦୫ ରନ୍ ଅଗ୍ରଣୀ ହାସଲ କରିଥିଲା।

ଏହି ମ୍ୟାଚର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ମାର୍ନୁସ୍ ଲାବୁସେନଙ୍କ ୭୦ରନ୍ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ନାଥାନ୍ ଲାୟନଙ୍କ ୪୧-୪୧ ରନର ପାଳି ବଳରେ ୨୩୪ ରନ୍ ସଂଗ୍ରହ କରି ଭାରତ ଉପରେ ୩୩୯ ରନର ଅଗ୍ରଣୀ ହାସଲ କରିଥିଲା। ଘରୋଇ ଦଳ ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ୍ ଇଣ୍ଡିଆ। ଆଗରେ ଏହି ମ୍ୟାଚ୍ ଜିତିବା ପାଇଁ ୩୪୦ ରନର ଲକ୍ଷ୍ୟ ରହିଥିଲା ହେଲେ ଯୁବ ଓପନର ଜୈସାଲ(୮୪)ଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ପ୍ରାୟ ନିରାଶ କରିଥିଲେ। ଋଷଭ ପନ୍ତ ୩୦ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିବାବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବି ଛୁଇଁପାରିନଥିଲେ ଫଳରେ ଆଜି ମ୍ୟାଚର ଅନ୍ତିମ ଦିନରେ ଦ୍ୱିତୀୟ ଇନିଂସରେ ୭୯.୧ ଓଭର ଖେଳି କେବଳ ୧୫୫ ରନରେ ସମସ୍ତ ୱିକେଟ ହରାଇଛି ଭାରତ। ଏହା ସହିତ ୧୩ ବର୍ଷ ହେବ ବକ୍ସିଂ ଡେ ଟେଷ୍ଟରେ ଭାରତଠାରୁ ଜିତିନଥିବା ଅଷ୍ଟ୍ରେଲିଆ ଏହି ପରାଜୟ ଧାରାକୁ ଭାଙ୍ଗି ୧୮୪ ରନରେ ଏହି ମ୍ୟାଚ୍ ଜିତିନେଇଛି। ଭାରତ ପକ୍ଷରୁ ଓପନର ରୋହିତ ଶର୍ମା ୯, ଲୋକେଶ ରାହୁଲ ୦, ବିରାଟ କୋହଲି ୫ ରନ, ରବିନ୍ଦ୍ର ଜାଡେଜା ୨, ନିତିଶ ରେଡ୍ଡୀ ୧, ୱାଶିଂଟନ୍ ସୁନ୍ଦର ଅପରାଜିତ ୫, ଆକାଶଦୀପ ୭, ବୁମରା ୦ ପ୍ରମୁଖ ରହିଛି। ଅଷ୍ଟ୍ରେଲିଆ ପକ୍ଷରୁ କମିନ୍ସ ଓ ବୋଲାଣ୍ଡ ୩ ଲେଖାଏଁ ୱିକେଟ, ଲାୟନ ୨ ୱିକେଟ ନେଇଛନ୍ତି।

### ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

# ଯାଜପୁର ଏମ୍‌ସିସି ବିଜୟୀ

ଯାଜପୁର,୩୦।୧୨: ଯାଜପୁର ସହରର କୁସୁମା ପଡ଼ିଆ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ଦିବସର ମ୍ୟାଚ୍ ଏମ୍.ସି.ସି., ଯାଜପୁର ଟାଉନ୍ ଓ କ୍ରିକେଟ ଏକାଡ଼େମୀ, ଯାଜପୁର ରୋଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏମ୍.ସି.ସି., ଯାଜପୁର ଟାଉନ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। କ୍ରିକେଟ ଏକାଡ଼େମୀ, ଯାଜପୁର ରୋଡ଼ ନିର୍ଦ୍ଧାରିତ ୩୦ ଓଭର ଖେଳି ୯ ୱିକେଟ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍.କେ ସାହାବୁଦ୍ଦିନ୍ ସର୍ବାଧିକ ୪୨ ରନ୍ ସଂଗ୍ରହ କରିଥିବା ବେଳେ ଆଦିତ୍ୟ ଯେନା ୪୧ ରନ୍ ସଂଗ୍ରହ କରିଥିଲେ। ଏମ୍.ସି.ସି., ଯାଜପୁର ଟାଉନ୍ ର ବୋଲର ଶିବ ସୁନ୍ଦର ଦାସ ୬ ଓଭର ବୋଲିଂ କରି ୧୭ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରିଥିବା ବେଳେ ହମିଦ୍ ରାଜା ୩ ଓଭର ବୋଲିଂ କରି ୧୩ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଏମ୍.ସି.ସି., ଯାଜପୁର ଟାଉନ୍ ମାତ୍ର ୨୯.୪ ଓଭର ଖେଳି ୯ ୱିକେଟ ହରାଇ ୧୬୧ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ବିଜୟ କୁମାର ଯେନା ସର୍ବାଧିକ ୭୩ ରନ୍ ସଂଗ୍ରହ କରିଥିବା ବେଳେ ବିଭୂତି ଭୂୟାଁ ୩୨ରନ୍ ସଂଗ୍ରହ କରିଥିଲେ।

ଆଜିର ଏହି ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିଜୟ କୁମାର ଯେନା ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରୀଜୟ ମହାପାତ୍ର, ଦିବାକର କର, ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ସେକ୍ ସାହାଜୁଦ୍ଦିନ, ସ୍ୱସ୍ତିକ ପହି, ଅନିଲ ଦାସ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଯଯାତି କେଶରୀ ସାମଲ ପରିଚାଳନା କରିଥିଲେ। ଆସନ୍ତା କାଲିର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆଦର୍ଶ କ୍ଲବ୍, ବାଲେଶ୍ୱର ଓ ଏମ୍.ସି.ସି, ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଡବ୍ଲୁଟିସି ଫାଇନାଲ : ଭାରତର ଆଶା କ୍ଷୀଣ

ଭୁବନେଶ୍ୱର: ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ପ୍ରବେଶ କରି ସାରିଛି। ଅନ୍ୟପଟେ ବକ୍ସିଂ ଡେ ଟେଷ୍ଟରେ ୧୮୪ ରନରେ ଅଷ୍ଟ୍ରେଲିଆ ଠାରୁ ହାରିବା ପରେ ଭାରତର ଫାଇନାଲ୍ ଖେଳିବା ଆଶା ଏକ ପ୍ରକାର ମଉଳି ଯାଇଛି। କାରଣ ଏହି ପରାଜୟ ସହ ପଏଣ୍ଟ୍ ଟେବୁଲର ତୃତୀୟ ସ୍ଥାନରେ ଥିବା ଭାରତର ପଏଣ୍ଟ ଶତକଡ଼ା (ପିସିଟି) ୫୨.୭୭କୁ ଖସି ଆସିଛି।

ଅନ୍ୟପଟେ ଅଷ୍ଟ୍ରେଲିଆର ସ୍ଥିତି କିନ୍ତୁ ବେଶ ଦୃଢ଼ ହୋଇଛି। ଡବ୍ଲୁଟିସି୨୫ ଦୌଡ଼ର ଦଶମ ବିଜୟ ସହ ଦ୍ୱିତୀୟରେ ଥିବା ଅଷ୍ଟ୍ରେଲିଆର ପଏଣ୍ଟ ଶତକଡ଼ା (ପିସିଟ) ୬୧.୪୫ରେ ପହଞ୍ଚିଛି। ତେଣୁ ଜାନୁଆରୀ ୩ରେ ସିଡନୀରେ ଆରମ୍ଭ ହେବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫିର ଅନ୍ତିମ ମ୍ୟାଚ୍ ଜିତିଲେ କିମ୍ବା ଡ୍ର କରିଲେ ମଧ୍ୟ ଅଷ୍ଟ୍ରେଲିଆ ନିର୍ଦ୍ଦ୍ୱନ୍ଦ୍ୱରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଯିବ। ଯଦି ଏହି ମ୍ୟାଚ୍ ଅଷ୍ଟ୍ରେଲିଆ ହାରିଯାଏ, ତେବେ ଜାନୁଆରୀରେ ଶ୍ରୀଲଙ୍କା ସହ ଖେଳିବାକୁ ଥିବା ଦୁଇଟି ଟେଷ୍ଟ ମ୍ୟାଚରୁ କେବଳ ଗୋଟିଏ ବିଜୟ କଙ୍ଗାରୁ ଦଳକୁ ଫାଇନାଲରେ ପହଞ୍ଚାଇଦେବ।

## ଜୈସୱାଲଙ୍କୁ ବିବାଦୀୟ ଆଉଟ୍ ଦେଇଥିବା ତୃତୀୟ ଅମ୍ପାୟାର

ମେଲବୋର୍ଣ୍ଣ,୩୦।୧୨: ବକ୍ସିଂ ଡେ ଟେଷ୍ଟରେ ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସାଲ ବିବାଦୀୟ ଢଙ୍ଗରେ ଆଉଟ ହୋଇଛନ୍ତି।ସେ ପାଟ କମିନ୍ସଙ୍କ ବଲକୁ ପୁଲ ମାରିବାକୁ ଚେଷ୍ଟା କରିଥିଲେ ହେଁ ଏହା ଲେଗ ସାଇଡରେ ଯାଇ ୱିକେଟ କିପର ଆଲେକ୍ସ କେରୀଙ୍କ ଗ୍ଲୋବ୍ସରେ ପଡ଼ିଥିଲା। ବଲ ଯଶସ୍ୱୀଙ୍କ ଗ୍ଲୋବ୍ସରେ ବାଜିଥିବା ଭାବି କେରୀ ଓ କମିନ୍ସ ଜୋରଦାର ଅପିଲ କରିଥିଲେ।

ଅନ ଫିଲ୍ଡ ଅମ୍ପାୟାର ଜୁଏଲ ୱିଲସନ କିନ୍ତୁ ଆଉଟ ଦେଇ ନଥିଲେ। ତେବେ ଏହା ବିରୋଧରେ କମିନ୍ସ ଡିଆରଏସର ବ୍ୟବହାର କରିଥିଲେ ।ଏହି ଠାରୁ ଆରମ୍ଭ ହୋଇଥିଲା ବିବାଦ ଡିଆରଏସ ବଲରେ ବେଶ କିଛି ସମୟ ତୃତୀୟ ଅମ୍ପାୟାର ଚେକ କରିଥିଲେ। ଅଲ୍ଟ୍ରା ଏଡେଜରେ ଦେଖିବାକୁ ମିଳିଥିଲା ଯେ ବଲ ବ୍ୟାଟକୁ ଅତିକ୍ରମ କରିବା ବେଳେ କୌଣସି ସ୍ପାଇକ ଦେଖାଯାଇ ନଥିଲା। ତଥାପି ତୃତୀୟ ଅମ୍ପାୟାର ଶର୍ଫୁଦ୍ଦୌଲା ସୈକତ ଭିଜୁଆଲ ପ୍ରମାଣ ଆଧାରରେ ଜୈସାଲଙ୍କୁ ଆଉଟ ଘୋଷଣା କରିଥିଲେ। ଶର୍ଫୁଦ୍ଦୌଲା ଇବନେ ଶାହିଦ ସୈକତ ଓରଫ ସୈକତ ବାଂଲାଦେଶର ଢାକାରେ ୧୯୭୬ ମସିହା ଅକ୍ଟୋବର ୧୬ରେ ଜନ୍ମ ଗ୍ରହଣ କରିଥିଲେ ୨୦୦୦ରୁ ୨୦୦୧ ମଧ୍ୟରେ ସେ ଢାକା ମେଟ୍ରୋପଲିସ ପାଇଁ ୧୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ ବାମହାତୀ ସ୍ପିନର ଭାବେ ଜଣାଶୁଣା ସୈକତ ଏହାପରେ ଅମ୍ପାୟାରିଂରେ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଥିଲେ।କ୍ରିକେଟର ହିସାବରେ ତାଙ୍କୁ ସଫଳତା ନ ମିଳିବାରୁ ସେ ନିଜର ଫୋକସ ଅମ୍ପାୟାରିଂ ଉପରେ କରିଥିଲେ ୨୦୦୭ ଫେବୃଆରୀରେ ସେ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଅମ୍ପାରିଂରେ ଡେବ୍ୟୁ କରିଥିଲେ। ବରିସାଲ ଡିଭିଜନ ଓ ସୟଲହେଟ ଡିଭିଜନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସୈକତଙ୍କୁ ଅମ୍ପାୟାର ଭାବେ ଦେଖିବାକୁ ମିଳିଥିଲା।୨୦୧୦ ମସିହାରେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଡେବ୍ୟୁ ହୋଇଥିଲା ସେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଅମ୍ପାରିଂ କରିଥିଲେ।ତେବେ ଚଳିତ ବର୍ଷ ବାଂଲାଦେଶର ପ୍ରଥମ ଅମ୍ପାୟାର ଭାବେ ସୈକତଙ୍କୁ ଆଇସିସିର ଏଲିଟ୍ ଅମ୍ପାୟାର ପ୍ୟାନେଲରେ ସାମିଲ କରାଯାଇଥିଲା। ଦକ୍ଷିଣ ଆଫ୍ରିକାର ମରିସ ଏରାସମସ ଅବସର ନେବାରୁ ତାଙ୍କ ସ୍ଥାନରେ ୪୮ ବର୍ଷୀୟ ସୈକତଙ୍କୁ ସାମିଲ କରାଯାଇଥିଲା।

## ଅବସରକୁ ଖଣ୍ଡନ କଲେ ରୋହିତ

ଭୁବନେଶ୍ୱର,୩୦।୧୨:ମେଲବର୍ନ ଟେଷ୍ଟରେ ଭାରତୀୟ ଦଳକୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି ଅଷ୍ଟ୍ରେଲିଆ। ପଞ୍ଚମ ଦିନରେ ୧୮୪ ରନ ବ୍ୟବଧାନରେ ଭାରତକୁ ପରାସ୍ତ କରିଛି। ରୋହିତ ଶର୍ମା କହିଛନ୍ତି ଯେ ଏହି ପରାଜୟ ମାନସିକ ସ୍ତରରେ ବିଚଳିତ କରିବ, ଏଥିରେ କୌଣସି ସନ୍ଦେହ ନାହିଁ ଯଦି ରଣନୀତି ସଠିକ ଭାବରେ କାର୍ଯ୍ୟକାରୀ କରିବାରେ ବିଫଳ ହୁଏ, ତେବେ ନିରାଶା ସ୍ୱାଭାବିକ, ଏହା ଏକ ନିରାଶାଜନକ ମୁହୂର୍ତ୍ତ । ଏଥି ସହିତ ରୋହିତ ଶର୍ମା ତାଙ୍କ ଅବସର ନେଇଥିବା କଳ୍ପନାକୁ ସମ୍ପୂର୍ଣ୍ଣ ରୂପେ ପତ୍ୟାଖ୍ୟାନ କରିଛନ୍ତି।ଅବସର ନେଇଥିବା ପ୍ରଶ୍ନ ଉପରେ ସେ କହିଛନ୍ତି ଯେ ଆଜି ମୁଁ ଯେଉଁଠାରେ ଅଛି।ସେଠାରେ ରହିଛି, ମୋତେ ବ୍ୟକ୍ତିଗତ ତଥା ଦଳ ସ୍ତରରେ ଉନ୍ନତ କାର୍ଯ୍ୟ କରିବା ଆବଶ୍ୟକ।

କୁହାଯାଉଛି ଯେ ରୋହିତ ଶର୍ମା ଟେଷ୍ଟରୁ ଅବସର ଘୋଷଣା କରିବାର ସମୟ ଆସି ଯାଇଛି। ଏହି ଚର୍ଚ୍ଚାକୁ ଟିମ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ ରବି ଶାସ୍ତ୍ରୀ ମଧ୍ୟ ଖୋରାକ ଯୋଗାଇଛନ୍ତି। ରୋହିତଙ୍କ ଭଳି ବିରାଟ କୋହଲି ମଧ୍ୟ କ୍ରମାଗତ ଫେଲ ମାରି ଚାଲିଛନ୍ତି। ହେଲେ ସେ ଆହୁରି ୩ରୁ ୪ ବର୍ଷ ଖେଳିବେ ବୋଲି ଶାସ୍ତ୍ରୀ ଆଶା ରଖିଛନ୍ତି ପର୍ଥ ଟେଷ୍ଟରେ ବିରାଟ ଶତକ ମାରି ନିଜ ସମାଲୋଚକଙ୍କ ମୁହଁ ବନ୍ଦ କରିଥିଲେ।

# ୨୪ରେ ନୂଆ ଇତିହାସ ରଚିଛି ଭାରତ

## କ୍ରିକେଟ୍, ହକିଠୁ ଆରମ୍ଭ କରି ଚେସ୍‌ରେ ଆଣିଲା ଗୌରବ

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ରୋହିତ ଶର୍ମାଙ୍କ ନେତୃରେ ଭାରତ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଦ୍ୱିତୀୟ ଥର ଚାମ୍ପିଅନ ହୋଇଥିଲା । କ୍ରିକେଟ୍‌ପ୍ରେମୀ, ଦର୍ଶକ, ପ୍ରଶଂସକ ଓ ଶୁଭେଚ୍ଛୁ ଖୁସିରେ ଆତ୍ମବିଭୋର ହୋଇ ପଡ଼ିଥିଲେ। ଏହି ଖୁସିରେ ଦିନିକିଆ ଫାଇନାଲ ପରାଜୟକୁ ସମସ୍ତେ ଭୁଲି ଯାଇଥିଲେ। ଚେସ୍‌ରେ ଭାରତ ରଚିଥିଲା ନୂଆ। ଇତିହାସ। ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ଏବଂ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଚାମ୍ପିଅନ ହେବା ପରେ ଡି.ଗୁକେଶ ବିଶ୍ୱ ଚାମ୍ପିଅନସିପ୍‌କୁ ଯୋଗ୍ୟତା ହାସଲ କରିଥିଲେ । ବିଶ୍ୱ ଚାମ୍ପିଅନସିପ୍‌ରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଟାଇଟଲ ଜିତିଥିଲେ। ସେମିତି ହକି ଓ ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଭାରତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବେଶ ଚମକପୂର୍ଣ୍ଣ ପ୍ରଦର୍ଶନ କରିଥିଲା ।

### ଟି-ଟ୍ୱେଣ୍ଟିରେ ଦ୍ୱିତୀୟ ବିଶ୍ୱ ଟାଇଟଲ୍

ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦ୍ୱିତୀୟ ଥର ଟି-ଟ୍ୱେଣ୍ଟି ବିଶ୍ୱକପ୍। ଟାଇଟଲ ଜିତିବାରେ ସଫଳ ହୋଇଥିଲା ।୨୦୦୭ ପ୍ରଥମ ସଂସ୍କରଣରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ହୋଇଥିଲା ବିଶ୍ୱ ଚାମ୍ପିଅନ। ମାତ୍ର ଦ୍ୱିତୀୟ ଟାଇଟଲ ଜିତିବା ପାଇଁ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା ।୨୦୨୪ ବିଶ୍ୱକପ୍ ଆମେରିକା ଓ ୱେଷ୍ଟଇଣ୍ଡିଜ ମିଳିତ ଭାବେ ଆୟୋଜନ କରିଥିଲେ ଫାଇନାଲ ମ୍ୟାଚ୍ ବ୍ରିଜଟାଉନରେ ଖେଳାଯାଇଥିଲା ବିରାଟ କୋହଲି ଓ ଅକ୍ଷର ପଟେଲଙ୍କ ଦାୟିତ୍ୱପୂର୍ଣ୍ଣ ଇନିଂସ ଏବଂ ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଘାତକ ବୋଲିଂକୁ ପାଥେୟ କରି ଭାରତ ୭ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟ୍ ହରାଇ ୧୬୯ ରନ୍‌ରେ ସୀମିତ ରହିଥିଲା । ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ଦଳ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ଟପ୍ପର ହୋଇଥିଲା ସେମି ଫାଇନାଲରେ ଇଂଲଣ୍ଡକୁ ଭେଟିଥିଲା । ୬୮ ରନ୍‌ରେ ବିଜୟୀ ହୋଇ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକା ୯ କେଟ୍‌ରେ ଆଫଗାନିସ୍ତାନକୁ ହରାଇଥିଲ ।।



### ତ୍ରି-ମୂର୍ତ୍ତି ଛାଡ଼ିଲେ ଟି-ଟ୍ୱେଣ୍ଟି

ଭାରତ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଚାମ୍ପିଅନ ହେବା ପରେ ଟିମ୍ ଇଣ୍ଡିଆର ତ୍ରି-ମୂର୍ତ୍ତି ଭେଟେରାନ ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଏବଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟିରୁ ଅବସର ନେଇଥିଲେ।

କ୍ୟାରିୟରରେ ଶୀର୍ଷ ସଫଳତା ହାସଲ କରିବା ପରେ ଏହି ବରିଷ୍ଠ ତାରକାମାନେସନ୍ନ୍ୟାସ ନେଇ ଟି-ଟ୍ୱେଣ୍ଟିରେ ସୁଖଦ ଅନ୍ତ ଘଟାଇ ପରବର୍ତ୍ତୀ ପିଢ଼ି ପାଇଁ ବାଟ ଛାଡ଼ିଥିଲେ। ଦଳ ଚାମ୍ପିଅନ ହେବା ପରେ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଗ୍ରହଣ କରିସାରି କୋହଲି, ମ୍ୟାଚ୍ ଶେଷ ହେବା ପରେ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରୋହିତ ଏବଂ ତହିଁ ପରଦିନ ରବିନ୍ଦ୍ର ଜାଡେଜା ସୋସିଆଲ ମିଡିଆରେ ବିଦାୟ ସଂପର୍କରେ ସୂଚନା ଦେଇଥିଲେ। ସୋସିଆଲ ମିଡିଆରେ ଜାଡେଜା ଲେଖିଥିଲେ, ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବାର ସ୍ୱପ୍ନ ଥିଲା ତାହା ସାକାର ହୋଇଛି। କୋହଲି କହିଥିଲେ, ଏହା ଥିଲା ମୋର ଶେଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଏହା ହିଁ ଆମେ ହାସଲ କରିବାକୁ ଚାହୁଁଥିଲୁ । ଈଶ୍ୱର ହେଉଛନ୍ତି ବଡ଼ ଦଳ ପାଇଁ ଯାହା ଆବଶ୍ୟକ ହେଉଥିଲା, ତାହା କରିଛି। ଏହା ମୋର ଦେଶ ପାଇଁ ଶେଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟେକି ଧରିବାକୁ ଚାହିଁଥିଲି। ସମୟ ଆସିଛି, ପରବର୍ତ୍ତୀ ପିଢ଼ିଙ୍କୁ ବାଟ ଛାଡ଼ିବାର। ରୋହିତ କହିଥିଲେ,ଆଜି ମୋର ମଧ୍ୟ ଶେଷ ଟି-ଟ୍ୱେଣ୍ଟି (ଅନ୍ତର୍ଜାତୀୟ) ମ୍ୟାଚ୍ ରହିଥିଲା । ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜରିଆରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲି। ଟ୍ରଫି ସହ ଯାତ୍ରା ଶେଷ କରୁଛି କେବଳ ଟ୍ରଫି ଜିତିବା ସ୍ୱପ୍ନ ଥିଲା।



### ଗୁକେଶ ସର୍ବକନିଷ୍ଠ ଟାଇଟଲ ବିଜେତା

ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଚୀନର ଡିଫେଣ୍ଡିଂ ଚାମ୍ପିଅନ ଡିଙ୍ଗ୍ ଲିରେନଙ୍କୁ ପରାଜିତ କରି ଡି. ଗୁକେଶ ହୋଇଥିଲେ ନୂଆ। ଚାମ୍ପିଅନ। ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ସେ ଏହି ସୌଭାଗ୍ୟ ଲାଭ କରିଥିଲେ। ସାରା ବିଶ୍ୱ ତାଙ୍କ ବିଚକ୍ଷଣତାକୁ ଭୂୟସୀ ପ୍ରଶଂସା କରୁଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ ଗୁକେଶଙ୍କୁ ୫ କୋଟିର ପୁରସ୍କାର ରାଶି ପ୍ରଦାନ କରିଥିଲେ । ଗୋଟିଏ ବର୍ଷରେ ସେ ଦୁଇଟି ବଡ଼ ସଫଳତା ହାସଲ କରିଥିଲେ। ଗତ ଏପ୍ରିଲ ମାସରେ ଟରଣ୍ଟୋରେ ଆୟୋଜିତ ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ନୂଆ। ଇତିହାସ ରଚିଥିଲେ ଗୁକେଶ। ମାତ୍ର ୧୮ ବର୍ଷ ବୟସରେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ସେ ପୁଣି ବିଶ୍ ବିଜେତା ହେଲେ । ଅଦ୍ଭୁତ ଗୋଟି ଚାଳନା ଏବଂ ଅଦମ୍ୟ ସାହସ ଗୁକେଶଙ୍କୁ ବିଶ୍ୱ ଚେସ୍‌ରେ ନୂଆ। ପରିଚୟ ଦେଇଛି ଟରଣ୍ଟୋରେ ଗୁକେଶଙ୍କ ଖେଳ ଉପରେ ସାରା ବିଶ୍ୱର ନଜର ରହିଥିଲା। ଆମେରିକା, ରୁଷିଆ। ଓ ଫ୍ରାନ୍ସର ଜିଏମ୍‌ମାନଙ୍କୁ ଯେଉଁଭଳି ସେ ପଛରେ ପକାଇ ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ, ତାହା ଥିଲା ଏକ ଅବିଶ୍ୱସନୀୟ ମୁହୂର୍ତ୍ତ ।ମାତ୍ର ୧୭ ବର୍ଷ ବୟସରେ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଚାମ୍ପିଅନ ହେବାରେ ଗୁକେଶ ଥିଲେ ସର୍ବକନିଷ୍ଠ ଖେଳାଳି ୨୦୦୬ ମେ ୨୯ ତାରିଖରେ ଚେନ୍ନାଇରେ ତାଙ୍କର ଜନ୍ମ ବାପା ଡାକ୍ତର ରଜନୀକାନ୍ତ ଏବଂ ମା ଡାକ୍ତର ପଦ୍ମା ଉଭୟ ପେସାରେ ଡାକ୍ତର ମାତ୍ର ପିଲାଟି ଦିନରୁ ଗୁକେଶଙ୍କ ରୁଚିଥିଲା। ଚେସ୍‌ରେ ଯେ ହେତୁ ଚେସ୍ ଏକ ମାଇଣ୍ଡ ଗେମ୍ ତେଣୁ ବାପା ମା ମଧ୍ୟ ପୁତ୍ରକୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ।



### ଚେସ୍ ଅଲିମ୍ପିଆଡ୍‌ରେ ଡବଲ ସ୍ୱର୍ଣ୍ଣ

ବୁଡାପେଷ୍ଟରେ ଆୟୋଜିତ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ପୁରୁଷ ଦଳରେ ଜିଏମ୍ ଡି. ଗୁକେଶ, ଆର. ପ୍ରଜ୍ଞାନନନ୍ଦା, ଅର୍ଜୁନ ଏରିଗାଇସି, ବିଦିତ ଗୁଜରାଠୀ ଓ ପି. ହରିକ୍ରିଷ୍ଣା ଏବଂ ମହିଳା ଦଳରେ ଜିଏମ୍ ହାରିକା ଦ୍ରୋନାଭାଲି, ଆର.ବୈଶାଳୀ, ଆଇଏମ୍ ଦିବ୍ୟା ଦେଶମୁଖ, ତାନିଆ ସଚଦେବ ଓ ବନ୍ତିକା ଅଗ୍ରାଲ ସାମିଲ ରହିଥିଲେ । ୯୭ ବର୍ଷ ଚେସ୍ ଅଲିମ୍ପିଆଡ୍ ଇତିହାସରେ ପ୍ରଥମ ଥର ଭାରତ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛି । ତେଣୁ ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ସଭାପତି ନୀତିନ। ନାରଙ୍ଗ ୩.୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ପ୍ରତ୍ୟେକ ଖେଳାଳିଙ୍କୁ ୨୫ ଲକ୍ଷ ଲେଖାଏଁ, ଉଭୟ ଦଳର ଅଧିନାୟକ (ଅଭିଜିତ କୁନ୍ତେ ଓ ଶ୍ରୀନାଥ ନାରାୟଣ) ଙ୍କୁ ୧୫ ଲକ୍ଷ ଲେଖାଏଁ, ମୁଖ୍ୟ କୋଚଙ୍କୁ ୧୦ ଲକ୍ଷ ଏବଂ ସହଯୋଗୀ କୋଚ୍‌ଙ୍କୁ ୭.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ମିଳିଥିଲା।

### ଦ୍ୱିତୀୟ ଥର ବିଶ୍ୱ ରାପିଡ୍ ଚାମ୍ପିୟନସିପ୍ ଜିତିଲେ ହମ୍ପି

୨୦୨୪ ସମାପ୍ତ ପୂର୍ବରୁ ଭାରତୀୟ ମହିଳା ଚେସ୍ ଖେଳାଳି ହମ୍ପୀ କୋନେରୁ ବିଶ୍ୱ ରାପିଡ୍ ଚେସ୍ ଟାଇଟଲ ନିଜ ନାଁରେ କରିଛନ୍ତି।ବଡ଼ କଥା ହେଲା ହମ୍ପୀ ଦ୍ୱିତୀୟ ଥର ଏହି ଟାଇଟଲ ଜିତିଛନ୍ତି। ହମ୍ପୀ କୋନେରୁ, ଇଣ୍ଡୋନେସିଆର ଇରୀନ ସୁକନ୍ଦରଙ୍କୁ ହରାଇ ଜିତିଛନ୍ତି ଟାଇଟଲ। ପ୍ରଥମ ଥର ହମ୍ପୀ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିୟନସିପ୍ ୨୦୧୯ରେ ଜର୍ଜିଆରେ ଜିତିଥିଲେ। ଆଉ ଏବେ ପାଞ୍ଚ ବର୍ଷ ପରେ ପୁଣି ଇତିହାସ ଦୋହରାଇଛନ୍ତି। ସେପଟେ ହମ୍ପୀଙ୍କ ଐତିହାସିକ ବିଜୟ ପରେ ଏବେ ତାଙ୍କ ପାଖକୁ ପୂରା ଦେଶରୁ ଛୁଟିଛି ଶୁଭେଚ୍ଛା ଏବଂ ଶୁଭକାମନା ଡି ଗୁକେଶଙ୍କ ପରେ ଏବେ ହମ୍ପୀଙ୍କ ସଫଳତାକୁ ନେଇ ଗର୍ବ କରୁଛି ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ହମ୍ପୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।ଭାରତୀୟ ଗ୍ରାଣ୍ଡମାଷ୍ଟର ୧୧ରୁ ୮.୫ ପଏଣ୍ଟ ସହ ଚାମ୍ପିୟନସିପ୍ ଶେଷ କରିଥିଲେ। ଦ୍ୱିତୀୟ ଥର ବିଶ୍ୱ ରାପିଡ୍ ଟାଇଟଲ ନିଜ ନାଁରେ କରିବା ପରେ ହମ୍ପୀ ଖୁସି ପ୍ରକାଶ କରିଛନ୍ତି।ସେ କହିଛନ୍ତି ମୁଁ ବହୁତ ଖୁସି ଏବଂ ଉତ୍ସାହିତ କାରଣ ଏହା ମୋର ଦ୍ୱିତୀୟ ବିଶ୍ୱ ରାପିଡ୍ ଟାଇଟଲ ମୁଁ ୨୦୧୯ରେ ଜିତିଥିଲି।

### ଆଇପିଏଲ୍‌ରେ ପନ୍ତ ସବୁଠୁ ମହଙ୍ଗା

ଆଇପିଏଲ-୨୦୨୫ ମେଗା ଖେଳାଳି ନିଲାମରେ ୱିକେଟ କିପର ବ୍ୟାଟର ରିଷଭ ପନ୍ତ ନୂଆ। ଇତିହାସ ରଚିଛନ୍ତି । ସେ ଏମିତି ଶିଖର ଛୁଇଁଛନ୍ତି, ଯାହା ଅତି ଅଦ୍ଭୁତ ଓ ଅକଳ୍ପନୀୟ ରହିଥିଲା। ଲକ୍ଷ୍ନୌ ସୁପର ଜାଏଣ୍ଟସ ତାଙ୍କୁ ୨୭ କୋଟି ଟଙ୍କାରେ ଦଳରେ ସାମିଲ କରିଛି । ପନ୍ତ ଆଇପିଏଲରେ ପୂର୍ବ ରେକର୍ଡ ଭଙ୍ଗ କରି ସବୁଠୁ ମହଙ୍ଗା ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଯଦିଓ ଶ୍ରେୟାସ ଆୟର ତାଙ୍କର ଖୁବ ନିକଟତର ହୋଇଥିଲେ କିନ୍ତୁ ୨୫ ଲକ୍ଷ ଟଙ୍କା ଆଗରେ ରହିଥିଲେ ପନ୍ତ। ଆୟରଙ୍କୁ ପଞ୍ଜାବ କିଙ୍ଗ୍‌ସ ୨୬.୭୫ କୋଟି ଟଙ୍କାରେ କିଣିଛି । ତୃତୀୟ ମହଙ୍ଗା ଖେଳାଳି ଥିଲେ ଅଲରାଉଣ୍ଡର ଭେଙ୍କଟେଶ ଆୟର କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ୨୩ କୋଟି ୭୫ ଲକ୍ଷ ଟଙ୍କାରେ ଦଳରେ ରଖିଛି। ପୂର୍ବରୁ ସବୁଠୁ ମହଙ୍ଗା ଖେଳାଳି ତାଲିକାରେ ପାଟ କମିନ୍ସ (୨୦.୫୦ କୋଟି), ସାମ କୁରାନ (୧୮.୫୦ କୋଟି), କାମେରୁନ ଗ୍ରୀନ (୧୭.୫୦ କୋଟି), ବେନ ଷ୍ଟୋକ୍ସ (୧୬.୨୫ କୋଟି), କ୍ରିସ୍ ମୋରିସ (୧୬.୨୫), ଯୁବରାଜ ସିଂ (୧୬ କୋଟି) ଏବଂ ନିକୋଲାସ ପୂରନ (୧୬ କୋଟି) ସାମିଲ ରହିଥିଲେ ।

### ତୃତୀୟ ଟ୍ରଫି ଜିତିଲା କୋଲକାତା

୨୦୨୪ ଆଇପିଏଲ୍‌ର ଫାଇନାଲ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୧୮.୩ ଓଭରରେ ୧୧୩ ରନ୍ କରିଥିଲା । ଜବାବରେ କୋଲକାତା ୧୦.୩ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା । କୋଲକାତା ତୃତୀୟ ଥର ଚାମ୍ପିଅନ ହେବାରେ ଗୌରବ ଲାଭ କରିଥିଲା ଶ୍ରେୟାସ ଆୟର ଦଳର ଅଧିନାୟକ ଥିଲେ। ପୂର୍ବରୁ ଦଳ ୨୦୧୨ ଓ ୨୦୧୪ରେ ଟାଇଟଲ ଜିତିଥିଲା ।

### ପୁରୁଷ ଜୁନିୟର ଏସିଆ କପ୍ ହକି ଭାରତ ପଞ୍ଚମଥର ଚାମ୍ପିଅନ

ପୁରୁଷ ଜୁନିୟର ଏସିଆ। କପ୍ ହକି ଫାଇନାଲରେ ଭାରତ ୫-୩ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାଜିତ କରି ପଞ୍ଚମ ଥର ଟାଇଟଲ ଜିତିବାରେ ସଫଳ ହୋଇଥିଲା । କ୍ରମାନ୍ୱୟରେ ଏହା ଦଳର ତୃତୀୟ ଟାଇଟଲ ଭାରତ ୨୦୦୪, ୨୦୦୮, ୨୦୧୫, ୨୦୨୩, ୨୦୨୪ ସଂସ୍କରଣରେ ଚାମ୍ପିଅନ ହୋଇଛି ୧୯୯୬ ଓ ୨୦୦୦ରେ ରନର୍ସଅପ୍ ହୋଇଥିଲା ଭାରତ ପଛକୁ ପାକିସ୍ତାନ ୩ ଥର (୧୯୮୭, ୧୯୯୨, ୧୯୯୬), ଦକ୍ଷିଣ କୋରିଆ। ଥରେ (୨୦୦୦) ଏବଂ ମାଲେସିଆ। (୨୦୧୨) ମଧ୍ୟ ଥରେ ଚାମ୍ପିଅନ ହୋଇଛି ଚାମ୍ପିଅନ ଦଳ ସହ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୪ ସ୍ଥାନ ମଧ୍ୟରେ ଥିବା ଦଳ ଜୁନିୟର ହକି ବିଶ୍ୱକପ୍‌କୁ (୨୦୨୫) ଯୋଗ୍ୟତା ହାସଲ କରିଥିଲେ।

### ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି ଜିତାଇଲେ ଯୁଗରାଜ

ଆୟୋଜକ ଚୀନକୁ ପରାଜିତ କରି ଭାରତ ଚଳିତ ବର୍ଷ ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରେ ଚାମ୍ପିଅନ ହୋଇଥିଲା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ବିଜୟୀ ହୋଇଥିଲା। ୫୧ ମିନିଟରେ ଯୁଗରାଜ ସିଂ ବିଜୟୀ ଗୋଲ୍ ସ୍କୋର କରିଥିଲେ । ଭାରତ ଟୁର୍ଣ୍ଣାମେଣ୍ଟରେ ଫାଇନାଲ ପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ସବୁ ମ୍ୟାଚ୍‌ରେ ବିଜୟୀ ହୋଇଥିଲା ପୂର୍ବରୁ ଦଳ ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଟ୍ରଫି ହାସଲ କରିଥିଲା । ଏହାକୁ ମିଶାଇ ପଞ୍ଚମ ଥର ଭାରତ ଟ୍ରଫି ଜିତିବାରେ ସଫଳ ହୋଇଛି।

### ଭାରତ ଜିତିଲା ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି

ଚମତ୍କାର ପ୍ରଦର୍ଶନ ସହ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହି ଆୟୋଜକ ଭାରତୀୟ ଦଳ ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ହୋଇଥିଲା । ବିହାରର ରାଜଗିରରେ ଖେଳାଯାଇଥିବା ଫାଇନାଲରେ ଚୀନକୁ ୧-୦ ଗୋଲରେ ପରାସ୍ତ କରି କ୍ରମାଗତଦ୍ୱିତୀୟ ଏବଂ ମୋଟ୍‌ରେ ୩ ଥର ଭାରତ ଏହି ଟାଇଟଲ ଜିତିବାର ଗୌରବ ଲାଭ କରିଥିଲା ।

### ଚର୍ଚ୍ଚାରେ ମନୁ ଭାକର

ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ବ୍ରୋଞ୍ଜ ପଦକ ଜିତିବା ପରେ ସାରା ଦେଶରେ ଏକ ପରିଚିତ ମୁହଁ ପାଲଟି ଯାଇଛନ୍ତି ଶୁଟର ମନୁ ଭାକର। ତାଙ୍କର ଲୋକପ୍ରିୟତା ବହୁ ଗୁଣିତ ହୋଇଯାଇଛି। ଆଉ ଏହାକୁ ଦେଖି ନିଜ ଜିନିଷର ପ୍ରଚାର ପ୍ରସାର ପାଇଁ ମନୁ ଭାକରଙ୍କୁ ନେବାକୁ ମନ ବଳାଇଛନ୍ତି। ୪୦ରୁ ଅଧିକ ବ୍ରାଣ୍ଡ ମନୁ ମଧ୍ୟ ନିଜର ଫି ବଢ଼ାଇ ଦେଇଛନ୍ତି। ସେ ଏବେ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ୟସ୍ତ ଥିବା ବେଳେ ତାଙ୍କର ଏଣ୍ଡୋର୍ସମେଣ୍ଟ କଥା ବୁଝାବୁଝି କରୁଥିବା ଏଜେନ୍ସି- ଆଇଓଏସ୍ ସ୍ପୋର୍ଟସ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ କିଛି ବ୍ରାଣ୍ଡ ସହିତ ଚୁକ୍ତି କରିସାରିଥିବା ଜଣାପଡ଼ିଛି।

ମନୁ ଭାକର ପୂର୍ବରୁ ଗୋଟିଏ ବ୍ରାଣ୍ଡର ପ୍ରଚାର ପ୍ରସାର ପାଇଁ ୨୦ରୁ ୨୫ ଲକ୍ଷ ଟଙ୍କା ନେଉଥିଲେ। କିନ୍ତୁ ଏବେ ସେ ଏହି ଫିକୁ ୬-୭ ଗୁଣା ବଢ଼ାଇ ଦେଇଛନ୍ତି ସୂଚନା ଅନୁଯାୟୀ, ଯା ଭିତରେ ତାଙ୍କର ଏକ ଡିଲ୍ ଦେଢ଼ କୋଟି ଟଙ୍କାରେ ସ୍ଥିର ହୋଇଛି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ